୦୫ ମଇ ୨୦୨୪ ରବିବାର



# ଗ୍ରୀଷ୍ମ ରୋଷ



**ବର୍ତ୍ତମାନ ଦିନକୁ ଦିନ ତାପମାତ୍ରା ବଢି ଚାଲିଛି । ବିଶ୍ୱର ଉତ୍ତପ୍ତସହରରେ ଭୁବନେଶ୍ୱର ସ୍ଥାନ ପାଇଛି । ତେବେ ଏହି ବର୍ଦ୍ଧିତ ତାପମାତ୍ରା କାରଣରୁ ଅନେକ ସମୟରେ ଦେଖିବାକୁ ମିଳୁଛି କାଳ ବୈଶାଖୀର ତାଣ୍ଡବ । ଯାହା ଜନ ଜୀବନକୁ ଅଧିକ ବିପଦରେ ପକାଉଛି ।**


ଅନେକ ସମୟରେ ଦେଖିବାକୁ ମିଳେ ଖରାଦିନେ ସନ୍ଧ୍ୟାବେଳେ ଅଚାନକ ବର୍ଷା ଆସିଥାଏ, ଏହାକୁ ହିଁ କହିଥାଆନ୍ତି କାଳ ବୈଶାଖୀ । ଯାହା ସାଧାରଣ ବର୍ଷାଦିନିଆ ବର୍ଷା ଠାରୁ ଭିନ୍ନ ହୋଇଥାଏ । ଏହାର ସମୟ ପ୍ରାୟତଃ ସନ୍ଧ୍ୟା ରହିଥିବାବେଳେ ଏହା ମାତ୍ର ଏକ ଘଣ୍ଟାରୁ ଦୁଇ ଘଣ୍ଟା ହୋଇଥାଏ । ତେବେ ଏହି ବର୍ଷା ଅନେକ କ୍ଷତି କରିଥାଏ । ବେଳେବେଳେ କେତେକାଂଶରେ ଏହା ତାତିରୁ ରକ୍ଷା କରିଥାଏ, ହେଲେ କ୍ଷତି ମଧ୍ୟ କରିଥାଏ । ତେବେ ଏହି ବର୍ଷାର ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ନାଁ ରହିଛି । ଏହି ବର୍ଷା ପଛରେ ମଧ୍ୟ କିଛି ବୈଜ୍ଞାନିକ କାରଣ ରହିଛି, ଯେଉଁ କାରଣରୁ ଖରାଦିନେ ସନ୍ଧ୍ୟା ସମୟରେ ଏହା ଦେଖିବାକୁ ମିଳିଥାଏ ।

## ଭିନ୍ନସ୍ଥାନ ଭିନ୍ନ ନାମ


କାଳବୈଶାଖୀର ଇଂରାଜୀନାମ ନର୍‌ଓ୍ୱେଷ୍ଟର ହୋଇଥିବାବେଳେ ଏହାକୁ ଆସାମରେ ବୋର୍ଡୋଇସିଲା କହି ଥାଆନ୍ତି । ତେବେ ଏହା ଦେଶ ଭିତରେ ବାଙ୍ଗଲାଦେଶରେ ଦେଖିବାକୁ ମିଳୁଥିବାବେଳେ ରାଜ୍ୟ ଭିତରେ ବିହାର, ଝାଡଖଣ୍ଡ, ଓଡ଼ିଶା, ତ୍ରିପୁରା, ଆସାମ ଓ କୋଲକାତାରେ ଦେଖିବାକୁ ମିଳେ । ଏହା ପ୍ରାୟତଃ ବୈଶାଖ ମାସରେ ସନ୍ଧ୍ୟା ସମୟରେ ହେଉଥିବାରୁ ଏହାକୁ ବଙ୍ଗାଳି ଭାଷାରେ କାଳ ବୈଶାଖୀ କୁହାଯାଇଥାଏ ବୋଲି ବର୍ଣ୍ଣନା ରହିଛି । ସେହିଭଳି ଏହି ବାତ୍ୟା ଗୁଡିକ ଉତ୍ତରପଶ୍ଚିମରୁ ଦକ୍ଷିଣ ପୂର୍ବକୁ ଗତି କରୁଥିବାରୁ ଏହି ଝଡକୁ ଇଂରାଜୀରେ 'ନର୍‌ଓ୍ୱେଷ୍ଟର' ବୋଲି କୁହାଯାଇଥାଏ । ସେହିଭଳି ଆସାମରେ ଏହାର ନାଁ ବୋରଡୋଇସିଲା, ବୋର୍‌ର ଅର୍ଥ ପବନ, ଦୋଇର ଅର୍ଥ ପାଣି ଓ ସିଲାର ଅର୍ଥ ପ୍ରକୃତି ଦେବୀ । ଏଠାରେ କାଳବୈଶାଖୀ ବର୍ଷାକୁ ବୈଶାଘୁ ମାସର ଆରମ୍ଭ ବୋଲି ବିବେଚନା କରାଯାଇଥାଏ । ଏହାର ଭିନ୍ନଭିନ୍ନ ସ୍ଥାନରେ ନାମ ଭିନ୍ନ ହେଲେ ମଧ୍ୟ ରୂପ ସମାନ ହୋଇଥାଏ । ଖରାଦିନେ ଅସହ୍ୟ ତାପମାତ୍ରା ପରେ ସନ୍ଧ୍ୟା ସମୟରେ ବର୍ଷା ହୋଇଥାଏ, ଯାହାକୁ କାଳବୈଶାଖୀ ନାମ ଦିଆଯାଇଥାଏ ।

## କିଭଳି ହୋଇଥାଏ ସୃଷ୍ଟି


କାଳବୈଶାଖୀର ପ୍ରାଥମିକ କାରଣ ହୋଇଥାଏ ଅତ୍ୟଧୀକ ତାପମାତ୍ରା । ତେବେ ବୈଜ୍ଞାନିକଙ୍କ ଅନୁଯାୟୀ ଏହା କେତୋଟି ଫେଜ୍ ଦେଇ ସୃଷ୍ଟି ହୋଇଥାଏ । ସାଧାରଣତଃ ଖରାଦିନେ ଆମ ତାପମାତ୍ରାରେ ବୃଦ୍ଧି ଦେଖିବାକୁ ମିଳିଥାଏ । ତେବେ କାଳବୈଶାଖୀ






ସାଧାରଣତଃ ଏପ୍ରିଲ୍ ମାସରୁ ଆରମ୍ଭ ହୋଇ ମନସୁନ୍ ଶେଷ ପର୍ଯ୍ୟନ୍ତ ରହିଥାଏ । ତେବେ ଭାରତର କିଛି ଭାଗରେ ମାର୍ଚ୍ଚ ମାସରେ ମଧ୍ୟ କାଳବେଶାଖୀ ଅନୁଭୂତ ହୋଇଥାଏ । ସୂଚନା ଅନୁସାରେ ସାଧାରଣତଃ ବିହାର ଓ ଝାରଖଣ୍ଡ ମଝିରେ ଥିବା ଛୋଟାନାଗପୁର ପ୍ଲେଟ୍ୟୁରେ ଏହି କାଳ ବୈଶାଖୀର ଉତ୍ପତି ହୋଇଥାଏ । ଏହାପରେ ଏଠାରୁ ଧୀରେଧୀରେ ଏହି କାଳ ବୈଶାଖୀ ଦକ୍ଷିଣପୂର୍ବ ଦିଗରେ ଗତି କରିଥାଏ । ଏହାପରେ ଧୀରେଧୀରେ ଏହାର ବଳ ବଢିଥାଏ ଏବଂ ଓଡ଼ିଶାରେ ପହଞ୍ଚିଥାଏ । କେବଳ ଓଡ଼ିଶା ନୁହେଁ, କୋଲକାତା, ଆସାମରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ । ଏହି ଝଡରେ ପାଖାପାଖି ୧୦୦ କିଲୋମିଟର ପ୍ରତି ଘଣ୍ଟାରେ ପବନ ବୋହିଥାଏ । କିଛି କ୍ଷେତ୍ରରେ ଏଥିରେ ହାଇ ସର୍ଫେସ ଟେନସନ୍ ମିଶିବା ଦ୍ୱାରା ଅତ୍ୟଧୀକ ମାତ୍ରାରେ ଘଡଘଡି ଦେଖିବାକୁ ମିଳିଥାଏ । ଯାହା ବିଶେଷ କ୍ଷତି କରିଥାଏ ।




## ପ୍ରଭାବ


କାଳବୈଶାଖର ପ୍ରଭାବରେ ଅନେକ କ୍ଷୟକ୍ଷତିର ଉଦାହରଣ ରହିଛି । ଏହି ବର୍ଷା କାରଣରୁ ଜୀବନ ହାନି, ଚାଷ ନଷ୍ଟ, ଘରଦ୍ୱାର ଭାଙ୍ଗିବା, ଗଛ ଭାଙ୍ଗିବା ଆଦି ଦେଖିବାକୁ ମିଳିଥାଏ । କାଳବୈଶାଖୀରେ ହେଉଥିବା ଅଧିକ ମାତ୍ରାରେ ଘଡଘଡି ଓ ବିଜୁଳି ବିଶେଷଭାବେ କ୍ଷତି ପହଞ୍ଚାଇଥାଏ । ଅନେକ ସମୟରେ ଏହାର ଆଭାଷ ନଥାଏ ତେଣୁ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ସେହିଭଳି ସାଧାରଣତଃ ବର୍ଷାଦିନେ ବର୍ଷା ହେଲେ କମ ସମୟ ହୋଇ ଛାଡି ଯାଇଥାଏ, କିନ୍ତୁ କାଳବୈଶାଖୀ ବର୍ଷା ହେଲେ ଏକ ଘଣ୍ଟାରୁ ଅଧିକ ସମୟ ଧରି ଲଗାତାର ହୋଇଥାଏ । ସେହିଭଳି ଏହି ସମୟରେ ତୀବ୍ରମାତ୍ରାରେ ଘଡଘଡି ଓ ବିଜୁଳି ମାରିଥାଏ, ଯାହା ବେଶି ବିପଦ ପୂର୍ଣ୍ଣ ଥାଏ । ବିଭିନ୍ନ ସ୍ଥାନରେ ବଡବଡ ଗଛ ଭାଙ୍ଗି ପଡିଥାଏ ଯାହାଫଳରେ ଯାତାୟତରେ ଅସୁବିଧା ହୋଇଥାଏ । ସେହିଭଳି ଅନେକ ସ୍ଥାନରେ ଏହି କାରଣରୁ ଜୀବନ ହାନି ହୋଇଥିବାର ମଧ୍ୟ ଦେଖିବାକୁ ମିଳିଥାଏ । ତେବେ କେତେକ ଫସଲ ପାଇଁ ଏହି କାଳ ବେଶାଖୀ ଲାଭ ଦାୟକ ମଧ୍ୟ ହୋଇଥାଏ ଯେପରି ଖରିପ ଫସଲ ପାଇଁ ଏହି ବର୍ଷା ଖୁବ ଲାଭ ଆଣିଥାଏ । ଶୁଖିଲା ମାଟିରେ ଏହା ପାଣି ସିଞ୍ଚନ କରି ଗଛ ବଢିବାରେ ସାହାଯ୍ୟ କରିଥାଏ ।

## ବିଶ୍ୱ ତାପମାନ

ବିଶ୍ୱତାପମାନର ପ୍ରଭାବ ଏହି କାଳବୈଶାଖୀ ଉପରେ ବିଶେଷ ଭାବେ ପଡୁଥିବାର ଦେଖିବାକୁ ମିଳୁଛି । ବର୍ତ୍ତମାନ ସାରା ବିଶ୍ୱର ପ୍ରମୁଖ ସମସ୍ୟା ପାଲଟିଛି ବିଶ୍ୱତାପମାନ ବୃଦ୍ଧି । ଦିନକୁ ଦିନ ବଢିଚାଲୁଥିବା ତାପମାତ୍ରା ଆମ ପୃଥିବୀରେ ଦେଖିବାକୁ ମିଳୁଥିବା ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟର କାରଣ ସାଜୁଛି । ଗତ କିଛି ବର୍ଷ ହେବ ଏହି ତାପମାତ୍ରାରେ ଖୁବ ଅଧିକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଗଛର ଅଭାବ, ଥଣ୍ଡା ରହିବା ପାଇଁ ଅଧିକ ମାତ୍ରାରେ କୃତିମ ଉପାୟ ଅବଲମ୍ବନ, ପ୍ରଦୂଷଣ ଆଦି ବିଶ୍ୱତାପମାନକୁ ବଢାଇବାରେ ଲାଗିଛି । ଯେଉଁ କାରଣରୁ ତାପମାତ୍ରା ବଢିବାରେ ଲାଗିଛି । ଏହି ବର୍ଦ୍ଧିତ ତାପମାତ୍ରା ହିଁ କାଳ ବୈଶାଖୀ ଭଳି ସମସ୍ୟାକୁ ଜନ୍ମ ଦେଉଛି । କେବଳ କାଳବୈଶାଖୀ ନୁହେଁ ଏହା ଅଦିନିଆ ବନ୍ୟାକୁ ମଧ୍ୟ ଜନ୍ମ ଦେଉଛି ।

## ୫ ପ୍ରତିଶତ ବଢିବ ଖରାଦିନ

ଜଳବାୟୁ ପରିବର୍ତ୍ତନ ପୂରା ବିଶ୍ୱପାଇଁ ଏକ ଗୁରୁତର ସମସ୍ୟାଭାବେ ଉଭା ହୋଇଛି । ତେବେ ନିକଟରେ ଏହି ସମସ୍ୟାକୁ ନେଇ ୱାର୍ଲ୍ଡ ୱେଦର ଆଟ୍ରିବ୍ୟୁସନ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି । ଏହି









ରିପୋର୍ଟ ଅନୁସାରେ ଆଫ୍ରିକାରେ ଗତ ୨ବର୍ଷରୁ ଅଧିକ ସମୟ ଧରି ବର୍ଷାର ପରିମାଣ କମିଛି । ଯେଉଁ କାରଣରୁ ଅନେକ କ୍ଷତି ହୋଇଛି । ତେବେ ଏହାର ସବୁଠାରୁ ଗୁରୁତର ପ୍ରଭାବ ହେଲା ଏଠାରେ ମରୁଡିର ଆଶଙ୍କା ବଢିଛି । ଏହାର ପ୍ରଭାବ ସବୁଠାରୁ ଅଧିକ ପୂର୍ବ ଆଫ୍ରିକାରେ ପଡିଛି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି । ଏହି କାରଣରୁ ଏଠାରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି । ୨୦୨୨ରେ ଏଠାରେ ୪୩ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି, ଯେଉଁଥିରେ ୫ ବର୍ଷରୁ କମ ବୟସର ପିଲା ଅଧିକ ସାମିଲ ଥିଲେ । ସେହିଭଳି ୨୦୨୩ରେ ମଧ୍ୟ ଏଠାରେ ଅନେକ ସଂଖ୍ୟାରେ ଲୋକଙ୍କର ମୃତ୍ୟୁ ହୋଇଥିଲା । ଆଗକୁ ପ୍ରତିବର୍ଷ ଖରାଦିନ ବା ଗ୍ରୀଷ୍ମଋତୁର ସମୟ ୫ ପ୍ରତିଶତ ବଢିବ ବୋଲି ଆକଳନ କରାଯାଇଛି । ସେହିଭଳି ଗତ ଦୁଇବର୍ଷ ମଧ୍ୟରେ ପୂର୍ବ ଆଫ୍ରିକାରେ ସବୁଠାରୁ କମ ବର୍ଷା ହୋଇଛି, ଏଥିସହ ଏଭଳି ପରିସ୍ଥିତି ପାଖାପାଖି ୭୦ ବର୍ଷ ପରେ ଏଠାରେ ଦେଖାଯାଇଛି । ଏହି ରିପୋର୍ଟରେ ଗବେଷକମାନେ ଜଳବାୟୁ ପରିବର୍ତ୍ତନର କୁ ପ୍ରଭାବକୁ ନେଇ ବିଶ୍ୱକୁ ସତର୍କ କରାଇଛନ୍ତି । କେବଳ ଆଫ୍ରିକା ନୁହେଁ ବିଶ୍ୱର ଅନ୍ୟଦେଶରେ ମଧ୍ୟ ଏଭଳି ପରିସ୍ଥିତି ଉପୁଜିବ ବୋଲି ସେମାନେ ଆକଳନ କରିଛନ୍ତି । ବର୍ତ୍ତମାନ ଭାରତର ବିଭିନ୍ନ ଭାଗରେ ମଧ୍ୟ ଗ୍ରୀଷ୍ମ ପ୍ରଭାବ ଖୁବ ଅଧିକ ରହୁଛି । ଏଠାରେ ଦିନ ବେଳର ତାପମାତ୍ରା ଏପ୍ରିଲମାସରେ ୪୩ ଡିଗ୍ରୀ ଅତିକ୍ରମ କରୁଛି, ଯାହା ଚିନ୍ତାର ବିଷୟ ପାଲଟିଛି ।

## ବନାଗ୍ନି

କାଳବୈଶାଖୀ ଭଳି ବନାଗ୍ନି ମଧ୍ୟ ବର୍ଦ୍ଧିତ ତାପମାତ୍ରାର ଆଉ ଏକ ଗୁରୁତର ପ୍ରଭାବ । ବର୍ତ୍ତମାନ ଓଡ଼ିଶା ସହିତ ଭାରତର ଅନେକ ରାଜ୍ୟର ତାପମାତ୍ରା ୪୦ ଟପିଛି । ଓଡ଼ିଶାର କିଛି ସହର ବିଶ୍ୱର ଉତ୍ତପ୍ତ ସହର ମଧ୍ୟରେ ସାମିଲ ମଧ୍ୟ ହୋଇଛି । ତେବେ ଏହି ବର୍ଦ୍ଧିତ ତାପମାତ୍ରାର ପ୍ରଭାବ ପ୍ରକୃତି ଉପରେ ଖୁବ ଅଧିକ ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ବର୍ତ୍ତମାନ ଜଙ୍ଗଲ ନିଆଁ ଦେଖିବାକୁ ମିଳୁଛି, ଯାହାର ପ୍ରାଥମିକ କାରଣ ଭାବେ ବର୍ଦ୍ଧିତ ତାପମାତ୍ରାକୁ ଧରାଯାଇଛି । କେଉଁଠି ଏହାକୁ ମନୁ୍ୟଷକୃତ ମଧ୍ୟ କୁହାଯାଉଛି । ତେବେ ଅତ୍ୟଧୀକ ତାପମାତ୍ରା କାରଣରୁ ଜଙ୍ଗଲରେ ଥିବା ଶୁଖିଲା କାଠ କିମ୍ବା ଗଛରେ ନିଆଁ ଲାଗୁଥିବା ନେଇ ସନ୍ଦେହ ପ୍ରକାଶ କରାଯାଇଥାଏ । ଯାହା ଖରା ଓ ପବନ କାରଣରୁ ବ୍ୟାପିବାରେ ଲାଗିଥାଏ । ଏହି କାରଣରୁ ବାୟୁ ମଣ୍ଡଳ ପ୍ରଭାବିତ ହେବା ସହ ତାପମାତ୍ରା ଆହୁରି ବଢିବାରେ ଲାଗିଥାଏ । ବିଗତ କିଛି ବର୍ଷ ହେବା ଆମାଜନ ଓ ଅଷ୍ଟ୍ରେଲିଆରେ ଖୁବ ବଡ ଧରଣର ବନାଗ୍ନି ଦେଖିବାକୁ ମିଳିଥିଲା । ଯେଉଁ ଅନେକ କ୍ଷୟକ୍ଷତି ହୋଇଥିଲା । ଏଥିରେ ଶତାଧୀକ ସଂଖ୍ୟାରେ ପଶୁମାନଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ମୂଲ୍ୟବାନ ଜଙ୍ଗଲ ପୋଡି ନଷ୍ଟ ହୋଇଯାଇଥିଲା ।



## ସମାଧାନ ପାଇଁ ସଚେତନତା

ଏ ସମସ୍ତ ସମସ୍ୟା ପାଇଁ ଏକ ମାତ୍ର ବିକଳ୍ପ ବା ସରଳ ସମାଧାନ କହିଲେ ବୃକ୍ଷ ରୋପଣ । ଯେତେ ମାତ୍ରାରେ ଅଧିକ ଗଛ ଲଗାଯିବ, ସେତେ ସୁବିଧାରେ ଏହି ସମସ୍ୟା ସମାଧାନ ହୋଇପାରିବ । ତେବେ ଏଥିପାଇଁ ପ୍ରଥମେ ଲୋକଙ୍କୁ ସଚେତନ ହେବାର ଆବଶ୍ୟକତା ରହିଛି । ଲୋକମାନେ ଯେତେ ସଚେତନ ହେବେ ସେତେ ଅଧିକ ପରିମାଣରେ ଗଛ ଲଗାଇବେ, ଯାହା ଫଳରେ ତାପମାତ୍ରା କମିବାରେ ସହାୟତା ମିଳିବ । ବର୍ତ୍ତମାନ ସରକାରଙ୍କ ପକ୍ଷରୁ ମଧ୍ୟ ଏଥିପାଇଁ ସଚେତନ ହେବାର ଆବଶ୍ୟକତା ରହିଛି । ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଯେଉଁସ୍ଥାନରେ ଗଛ ଲଗାଇବାର ଆବଶ୍ୟକତା ରହିଛି ସେହି ସ୍ଥାନରେ ବୃକ୍ଷରୋପଣ କରିବା ଜରୁରୀ । ସେହିଭଳି ଯେତେମାତ୍ରାରେ ଆମେ ପ୍ରଦୂଷଣର ମାତ୍ରା କମାଇ ପାରିବା ସେତେ ଅଧିକ ଆମେ ତାପମାତ୍ରାକୁ କମାଇ ପାରିବା ।

# ଭ୍ୟାକେସନ୍ ଷ୍ଟାଇଲ୍

**ଖରାଦିନେ ଯଦି ଥଣ୍ଡା ସ୍ଥାନକୁ ଭ୍ୟାକେସନ୍‌ରେ ଯିବାକୁ ବାହାରିଛନ୍ତି ତେବେ ଆଣଙ୍କ ପାଇଁ ଷ୍ଟ୍ରିଟ ଷ୍ଟାଇଲ୍ ସବୁଠାରୁ ବେଷ୍ଟ ଅପସନ୍ ହେବ । ଷ୍ଟ୍ରିଟ ଷ୍ଟାଇଲ୍ ଏଭଳି ଏକ ଫ୍ୟାଶନ ଯାହା ସବୁବେଳେ ଟ୍ରେଣ୍ଡ୍‌ରେ ରହିଥାଏ । ତେଣୁ ବର୍ତ୍ତମାନ ଏହାକୁ ଭ୍ୟାକେସନ୍ ଫ୍ୟାଶନ ଭାବେ ଲୋକ ଆପଣାଉଥିବା ଦେଖିବାକୁ ମିଳୁଛି ।**







## କଲରଫୁଲ୍ କୋଟ୍

ଏହି ଫ୍ୟାଶନ୍‌ରେ ପ୍ରଥମେ ଆସିଥାଏ କଲର ଫୁଲ କୋଟ୍ । ଆପଣ ବୁଲିବା ସମୟରେ ଥଣ୍ଡା ଲାଗିବା କାରଣରୁ ସ୍ୱେଟର, ଜାକେଟ କିମ୍ବା ସାଲ ବ୍ୟବହାର କରିବାକୁ ପଡିଥାଏ । ତେବେ ଏହି କଲରଫୁଲ୍ କୋଟ ଏହାର ଗୋଟିଏ ଅପସନ ହୋଇଥାଏ । ତେଣୁ ଏହାକୁ ଆପଣ ଯେ କୌଣସି ଡ୍ରେସ କିମ୍ବା ଶାଢିରେ ବି ପେୟାର କରି ପିନ୍ଧିପାରିବେ । ଏଗୁଡିକ କଲର ଫୁଲ ସହିତ ଲମ୍ବା ହୋଇଥାଏ ତେଣୁ ଏହା ବେଶ୍ ଏଲିଗାଣ୍ଟ ଲୁକ ପ୍ରଦାନ କରିଥାଏ ।

## ଓଭର ସାଇଜ୍ ହୁଡି

ଯଦି ଆପଣ ୱେଷ୍ଟର୍ଣ୍ଣ ଡ୍ରେସର ବଡ ଫ୍ୟାନ୍ ତେବେ ଆପଣଙ୍କ ପାଇଁ ଓଭର ସାଇଜ୍ ହୁଡି ବେଷ୍ଟ ଅପସନ ହେବ । ଖରାଦିନେ ଥଣ୍ଡା ଛୁଟିର ମଜା ନେବା ସହିତ ଓଭର ସାଇଜ୍ ହୁଡି ପିନ୍ଧି ଫ୍ୟାଶନେବଲ ମଧ୍ୟ ଲାଗିପାରିବେ । ଏହାର ବିଭିନ୍ନ ଡିଜାଇନ୍ ଆସିଥାଏ, ଯାହାକୁ ଆପଣ ନିଜ ପସନ୍ଦ ହିସାବରେ କିଣି ପାରିବେ ।

## ଲୁଜ୍ ଷ୍ଟାଇଲ୍

ଷ୍ଟ୍ରିଟ ଷ୍ଟାଇଲ୍‌ର ସବୁଠାରୁ କ୍ରେଜି ଓ ଟ୍ରେଣ୍ଡି ଷ୍ଟାଇଲ୍ ହେଲା ଲୁଜ୍ ଷ୍ଟାଇଲ । ଏଥିରେ କିଛି ଟା ଡ୍ରେସ ଲେୟାର କରି ପିନ୍ଧା ଯାଇଥାଏ, ଯାହା ଆପଣଙ୍କୁ ଢିଲା ହେଉଥାଏ । ଏହା ଏକ ଲୁଜ୍ ଷ୍ଟାଇଲ କ୍ରିଏଟ କରିଥାଏ । ଏହା ଢିଲା ଢିଲା ଥିବାରୁ ଆରାମ ଦାୟକ ହୋଇଥାଏ । ସେହିଭଳି ଲେୟାର ହୋଇଥିବାରୁ ଥଣ୍ଡାରୁ ରକ୍ଷା ଦେଇଥାଏ ।

## ସାଇଲେଣ୍ଟ ଲୋଗୋ

ଏଥିରେ ଆପଣ ବ୍ରାଣ୍ଡ୍ ଲେସ୍ ହୋଇପାରିବେ । ଆପଣ ଏହି ଷ୍ଟାଇଲ୍‌ରେ କେବଳ ପୋଷାକ ଉପରେ ଧ୍ୟାନ ଦେଇପାରିବେ । ଯେ କୌଣସି ବି ବ୍ରାଣ୍ଡ୍‌ର ପୋଷାକକୁ ନିଜ ଚଏସ୍ ହିସାବରେ ପିନ୍ଧିପାରିବେ । ଏଥିରେ କେବଳ କଲର ଓ କଣ୍ଟେଟ ଉପରେ ଧ୍ୟାନ ଦିଆଯାଇଥାଏ ।



# ବୋଧଗୟା

**ଭାରତରେ ବିଭିନ୍ନ ଦର୍ଶନୀୟ ସ୍ଥାନ ଭିତରେ ବୋଧଗୟାର ସ୍ଥାନ ବେଶ୍ ସ୍ୱତନ୍ତ୍ର । ବିହାରର ଏହି ଗ୍ରାମରେ ଅନେକ ସ୍ଥାନ ରହିଛି, ଯାହା ଦର୍ଶନୀୟ ସ୍ଥାନ ଭାବେ ପର୍ଯ୍ୟଟକଙ୍କ ପାଖରେ ବେଶ୍ ପରିଚିତ ।**

## ମହାବୋଧି ମନ୍ଦିର

ଏହା ବୌଦ୍ଧ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଏହି ମନ୍ଦିରରେ ଅନେକ ବର୍ଷର ପୁରାତନ ପରମ୍ପରା ଦେଖିବାକୁ ମିଳିଥାଏ । ଏହି ମନ୍ଦିରର ଉଚ୍ଚତା ରହିଛି ୧୭୦ ଫୁଟ ହୋଇଥିବାବେଳେ ଆକାର ସିଲିଣ୍ଡ୍ରିକାଲ ପିରାମିଡ୍ ରହିଛି । ଏହି ମନ୍ଦିରଟି ପାଖାପାଖି ୪୮ ସ୍କୋୟାରଫୁଟ୍ ବେସ୍‌ମେଣ୍ଟରେ ବିସ୍ତାର ହୋଇଛି । ଏହି ମନ୍ଦିରରେ ଆପଣ ସକାଳ ୫ ଟାରୁ ରାତି ୯ଟା ପର୍ଯ୍ୟନ୍ତ ବୁଲି ପାରିବେ ।

## ଦି ମୋନାଷ୍ଟ୍ରୀ

ମହାବୋଧି ମନ୍ଦିରର ଖୁବ ପାଖରେ ରହିଛି ଦି ମୋନାଷ୍ଟ୍ରୀ । ଏଠାରେ ଥାଇ ଓ ବୌଦ୍ଧ ସଂସ୍କୃତିର ଏକ ସୁନ୍ଦର ମିଳନ ଦେଖିବାକୁ ମିଳିଥାଏ । ଏଠାରେ ଭଗବାନ ବୁଦ୍ଧଙ୍କର ୨୫ ମିଟର ଲମ୍ବର ବ୍ରୋଞ୍ଜ ଷ୍ଟାଚ୍ୟୁ ରହିଛି, ଯାହା ଦେଖିବାକୁ ଖୁବ ସୁନ୍ଦର । ଏଠିକାର ପରିବେଶ ଛୁଟି କାଟିବା ପାଇଁ ଏକ ଭଲ ଅପସନ୍ । ଏଠାରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟା ସମୟରେ ମେଡିଟେସନ କ୍ଲାସର ଆୟୋଜନ କରାଯାଇଥାଏ । ଏହା ଖୁବ ଶାନ୍ତ ପରିବେଶ ।



## ଗ୍ରେଟ ବୁଦ୍ଧ ଷ୍ଟାଚ୍ୟୁ

ବୋଧଗୟାର ସବୁଠାରୁ ଆକର୍ଷଣୀୟ କଳାକୃତି ହେଲା ଗ୍ରେଟ୍ ବୁଦ୍ଧ ଷ୍ଟାଚ୍ୟୁ । ଭଗବାନ ବୁଦ୍ଧଙ୍କର ଏହି ଷ୍ଟାଚ୍ୟୁଟି ୮୦ ଫୁଟର । ଏହି ଷ୍ଟାଚ୍ୟୁଟି ଖୋଲାରେ ରହିଛି, ଏଥିରେ ବୁଦ୍ଧଙ୍କୁ ଧ୍ୟାନ ମୁଦ୍ରାରେ ଦେଖିବାକୁ ମିଳିଥାଏ । ଏହି ମୂର୍ତ୍ତିକୁ ନିର୍ମାଣ କରିବାକୁ ସାତବର୍ଷ ସମୟ ଲାଗିଥିବାବେଳେ ଏଥିରେ ୧୨ହଜାର ଜଣ କାରିଗର ସାମିଲ ଥିଲେ । ଏହି ଷ୍ଟାଚ୍ୟୁର ବକ୍ଷ ଦେଶରେ ପାଖାପାଖି ୧୬ ହଜାରରୁ ଅଧିକ ବୁଦ୍ଧଙ୍କର ଛୋଟଛୋଟ ବ୍ରୋଞ୍ଜ ଫଟୋ ରହିଛି ଯାହା ବେଶ୍ ଆକର୍ଷଣୀୟ ହୋଇଥାଏ ।

## ବୋଧି ଗଛ

ଏହା ଏକ ଖୁବ ବଡ ଗଛ ଯାହାକୁ ପବିତ୍ର ଗଛ ଭାବେ ବିବେଚନା କରାଯାଇଥାଏ । ବିଶ୍ୱାସ ରହିଛି କି ବୁଦ୍ଧ ଏହି ଗଛ ତଳେ ନିଜର ଧ୍ୟାନ କରୁଥିଲେ । ବୁଦ୍ଧ ଯେଉଁ ସ୍ଥାନରେ ବସି ମେଡିଟେସନ କରିଥିଲେ ସେହି ସ୍ଥାନକୁ ସୁରକ୍ଷିତ ଭାବେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଦେଖିବା ପାଇଁ ସଂରକ୍ଷିତ କରାଯାଇଛି ।





### ଖାଦ୍ୟ

- ପାସ୍ତା
- ପିଜ୍ଜା
- ତିଲକୁଟ
- କେସରିଆ
- ପେଡା
- ଖଜା
- ମରୁଆ ରୁଟି
- ଆଳୁ କଚାଲୁ



ମୃଣାଳ
mrinalchatterjeeiimc@gmail.com

## ବ୍ୟଙ୍ଗଚିତ୍ର କ୍ଷେତ୍ରରେ ମହିଳା ଏତେ କମ କାହିଁକି?

ମଇ ୫ ତାରିଖ ବିଶ୍ୱ ବ୍ୟଙ୍ଗଚିତ୍ରଶିଳ୍ପୀ ଦିବସ ଅବସରରେ ମୁଁ ଏବଂ ମୋର ସହକର୍ମୀ ଡ. ହରିକୃଷ୍ଣ ବେହେରା ଓଡ଼ିଶା କାର୍ଟୁନ ଆକାଡେମୀ ସହଯୋଗରେ ଓଡ଼ିଶାରେ ବ୍ୟଙ୍ଗଚିତ୍ରକାରମାନଙ୍କ ଏକ ଡିରେକ୍ଟରି ପ୍ରସ୍ତୁତ କରିଛୁ । ଗୋଟେ କଥା ଦେଖିଲି– ଓଡ଼ିଶାରେ ମହିଳା ବ୍ୟଙ୍ଗଚିତ୍ରଶିଳ୍ପୀମାନଙ୍କ ସଂଖ୍ୟା ଖୁବ କମ । ଡିରେକ୍ଟରିରେ କେବଳ ଦୁଇଜଣ ମହିଳା ବ୍ୟଙ୍ଗଚିତ୍ରଶିଳ୍ପୀ ଅଛନ୍ତି । ଓଡ଼ିଶାରେ ବ୍ୟଙ୍ଗଚିତ୍ରର ଇତିହାସରେ ବି ମହିଳା କ୍ୱଚିତ୍ । ଏମିତି କାହିଁକି ? ତା'ପରେ ମୁଁ ବିଭିନ୍ନ ରାଜ୍ୟ ଓ ଭାଷାରେ ବ୍ୟଙ୍ଗଚିତ୍ରଶିଳ୍ପୀମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କଲି । କି ଆଶ୍ଚର୍ଯ୍ୟ, ସାରା ଭାରତରେ ଏକା ଅବସ୍ଥା । ଭାରତରେ ବ୍ୟଙ୍ଗଚିତ୍ରର ଇତିହାସ ପଢ଼ିଲି । ଏକା କଥା । ମହିଳାମାନଙ୍କ ସଂଖ୍ୟା ନଗଣ୍ୟ । ମହିଳା ଚିତ୍ରଶିଳ୍ପୀ ଅନେକ, ମହିଳା ଫଟୋଗ୍ରାଫରଙ୍କ ସଂଖ୍ୟା ବି କମ ନୁହେଁ । କିନ୍ତୁ ବ୍ୟଙ୍ଗଚିତ୍ର କ୍ଷେତ୍ରରେ ସେମାନଙ୍କ ସଂଖ୍ୟା ନଗଣ୍ୟ । କାହିଁକି ? ମହିଳାମାନେ କ'ଣ କାର୍ଟୁନ୍ ଭଲ ପାଆନ୍ତି ନାହିଁ ?

### ବକ୍ରବାଣୀ: ଗଣତନ୍ତ୍ର

କି ଆଶ୍ଚର୍ଯ୍ୟ ବ୍ୟବସ୍ଥା ଦେଖନ୍ତୁ, ଆସନ୍ତା ପାଞ୍ଚ ବର୍ଷ ମୋତେ କିଏ ଶୋଷଣ କରିବେ, ତାହା ମୋତେ ଠିକ୍ କରିବାକୁ ପଡୁଛି – ଭୋଟ୍ ଦେଇ ।

### ଗ୍ଲୋବାଲ୍ ୱାର୍ମିଂର ସାଇଡ-ଇଫେକ୍ଟ

ଯେଉଁ ସୁନ୍ଦରୀମାନେ ଲମ୍ବା ବାଳ ରଖିଛନ୍ତି ସେମାନଙ୍କ ମୁଡ୍ ଗରମ ପାଇଁ ଭଲ ରହୁନି । ସୁନ୍ଦରୀମାନଙ୍କ ମୁଡ୍ ଭଲ ନ ରହିଲେ– ଦୁନିଆର ମୁଡ୍ ବି ବିଗିଡ଼ି ରହୁଛି ।

# ଖରାରେ ନିର୍ବାଚନ ପ୍ରଚାର

ଏ ବର୍ଷ ଯେମିତି ଖରା ହେଉଛି, ସେଥିରେ ସାଧାରଣ ଲୋକ ଯେତେ ହନ୍ତସନ୍ତ ହେଉଛନ୍ତି ତାଠୁଁ ଡବଲ ହନ୍ତସନ୍ତ ହେଉଛନ୍ତି ନିର୍ବାଚନ ପ୍ରଚାରରେ ଭାଗ ନେଉଥିବା ପ୍ରାର୍ଥୀ, କର୍ମକର୍ତ୍ତା ଓ କର୍ମୀମାନେ । ଭୋଟର ତା' ଘରେ ବସିଛି, କର୍ମୀ ବୁଲି ବୁଲି ପ୍ରଚାର କରୁଛନ୍ତି । ନେତା ମଞ୍ଚରେ ଠିଆ ହୋଇ ଭାଷଣ ଦଉଛନ୍ତି, ସାହିରେ ଯାଇ ଆଜି ୟା ଘରେ ପଖାଳ, କାଲି ତା ଦୋକାନରେ ପକୁଡ଼ି ଖାଉଛନ୍ତି, ସାମ୍ବାଦିକମାନଙ୍କ ବାର ପ୍ରଶ୍ନର ଜବାବ ଦଉଛନ୍ତି । ଖରାରେ ସେମାନଙ୍କ ଦେହମୁହଁ ଏପରିକି ବେକର ଗଜରାମାଳ ବି ଶୁଖି ଯାଉଛି, ମନ ଏସିର ଥଣ୍ଡା ପବନ ଖୋଜୁଛି– କଣ୍ଠ ଥଣ୍ଡା ପାନୀୟ ଖୋଜୁଛି– କିନ୍ତୁ ପ୍ରଚାର ମଇଦାନ ଛାଡ଼ି ଆସି ପାରୁନାହାନ୍ତି । କି କଷ୍ଟ !



### ନିର୍ବାଚନ ପର୍ଯ୍ୟଟନ

ପର୍ଯ୍ୟଟନ ଏକ ବିଶାଳ ଶିଳ୍ପ । ଗୋଟେ ହିସାବ କହୁଛି, ଭାରତରେ ପର୍ଯ୍ୟଟନରୁ ବର୍ଷକୁ ଆୟ ହୁଏ ୭୫୦ କୋଟି ଆମେରକୀୟ ଡଲାର । ଅର୍ଥାତ୍ ୬୨ ହଜାର କୋଟି ଟଙ୍କା । ଅଙ୍କଟା ଅନେକଙ୍କୁ ବଡ଼ ଭଳି ଲାଗୁଥିବ । ହେଲେ ଟିକେ ଗହିରେଇ ହିସାବ କଲେ ଜଣାଯିବ ଯେ ସିଙ୍ଗାପୁର, ହଙ୍ଗକଙ୍ଗ ଭଳି ଛୋଟ ଛୋଟ ଜାଗା ପର୍ଯ୍ୟଟନରୁ ଆମଠୁଁ ଢେର ଅଧିକ ଆୟ କରୁଛନ୍ତି । ଆମକୁ ତେଣୁ ଭିନ୍ନ ଭାବରେ ଚିନ୍ତା କରିବାକୁ ପଡ଼ିବ । ପର୍ଯ୍ୟଟନର ସବୁ ଦିଗ ଓ ବିଭବକୁ ଆମକୁ ଉପଯୋଗ କରିବାକୁ ପଡ଼ିବ । ଭାରତରେ ଯାହା କିଛି ଅନନ୍ୟ ତାକୁ ପର୍ଯ୍ୟଟନ ଉପଯୋଗୀ କରିବାକୁ ହେବ । ଗୋଟେ ଆଇଡିଆ ଦଉଛି । ନିର୍ବାଚନକୁ ପର୍ଯ୍ୟଟନ–ଆକର୍ଷଣ ଭାବେ ବ୍ୟବହାର କରାଯାଉ । ଆମ ନିର୍ବାଚନକୁ ଉତ୍ସବ ବୋଲି କହିହେବ, ସର୍କସ ବୋଲି ବି କହିହେବ । ବାଣିଜ୍ୟିକ ସିନେମାଠୁଁ କୌଣସି ଗୁଣରେ କମ୍ ନୁହେଁ ଆମ ନିର୍ବାଚନ । ଏଥିରେ ମାରପିଟ୍ ଧୁମ୍‌ଧଡ଼କା, ନାଚ, ଗୀତ, ବାଦିପାଲା ସବୁ ଅଛି । ଆମ ନିର୍ବାଚନରେ ଗୋଟେ ଗୋଟେ ର୍‍ୟାଲି ଯେମିତି କାର୍ଣ୍ଣିଭାଲ୍ । ଗୋଟେ ଗୋଟେ ସଭା ଯେମିତି ବାରରଙ୍ଗର ଅପେରା । ଏମିତି ବର୍ଣ୍ଣାଢ୍ୟ ଉତ୍ସବ ଦେଖିବା ପାଇଁ ବିଦେଶରୁ ବହୁ ଲୋକ ମାଡ଼ି ଆସିବେ, କାରଣ ତାଙ୍କ ଦେଶରେ ନିର୍ବାଚନ ଅତି ସାଧାସିଧା ଏତେ ହୋହାଲ୍ଲା ଥାଟବାଟ, ଏତେ ରଙ୍ଗ ନାହିଁ ।

### ପତି ପତ୍ନୀ


ପତ୍ନୀ ହେଲା କୁଲର ଭଳିଆ । ସେଥିରେ ଥଣ୍ଡା କମ୍ ହୁଏ ଆଉ ଶବ୍ଦ ଅଧିକା । ଆଉ ତା'ର ରିମୋଟ୍ ନାହିଁ । ପତି ହେଲା ଏସି ଭଳିଆ । ବାହାରେ ଯେତେ ଶବ୍ଦ କରନ୍ତୁ, ଘର ଭିତରେ ପୂରା ଶାନ୍ତ ଆଉ ଥଣ୍ଡା ରହନ୍ତି । ଆଉ ଚାଲନ୍ତି ବି ରିମୋଟ୍‌ରେ । ରିମୋଟ୍‌ଟା କିଏ ତାହା କ'ଣ ବୁଝେଇ କହିବା ଦରକାର ପଡ଼ିବ ! ***(ସୌଜନ୍ୟ: ସାମାଜିକ ଗଣମାଧ୍ୟମ)***

## ଆଳୁ ଆଉ ଭେଣ୍ଡି

ଆଳୁ ଭେଣ୍ଡି ପ୍ରେମରେ ପଡ଼ିଲା । ଭେଣ୍ଡି ତାକୁ ରିଜେକ୍ଟ କରିଦେଲା । କହିଲା, ଆବେ ମୋ ଚେହେରା ଦେଖ– ମୁଁ କେତେ ସ୍ଲିମ୍ ଆଣ୍ଡ ସେକ୍ସି । ତୋ ଚେହେରା ଦେଖ– ମୋଟୁ, କୋଦୁ, ଗୋଲୁ । ବଜାରର ସବୁଠୁଁ ଶସ୍ତା ପରିବା । ତୋତେ ମୁଁ ପ୍ରେମ କରିବି ! ଚାଲ ହଟ୍ । ଆଳୁର ମନ ଭାଙ୍ଗିଗଲା । ସେ ଭାବିଲା ଟ୍ରକ୍ ତଳକୁ ଗଡ଼ିଯାଇ ଆତ୍ମହତ୍ୟା କରିଦେବ । ନିଜକୁ ଟ୍ରକ୍ ଚକ ତଳେ ଗଡ଼େଇଦେବାର ଠିକ ପୂର୍ବ ମୁହୂର୍ତ୍ତରେ ଜଣେ ସିଦ୍ଧ ପୁରୁଷ ତାକୁ ତଳୁ ଗୋଟେଇନେଇ କହିଲେ, ବାବୁରେ ଆତ୍ମହତ୍ୟା କରିବାଟା କିଛି ଭଲ କଥା ନୁହେଁ । ଭେଣ୍ଡି ଛଡ଼ା ପ୍ରେମରେ ପଡ଼ିଲାଭଳି ଆଉ କ'ଣ ପରିବା ଏ ଦୁନିଆରେ ନାହିଁ ! ମୋତେ ଜଳଜଳ ଦିଶୁଛି ତୋ ଜୀବନରେ ଅନେକ ପ୍ରେମ କାହାଣୀ । ସିଦ୍ଧପୁରୁଷଙ୍କ କଥା ସତ ହେଲା । ଆଳୁ ପରିବା ଦୁନିଆର କ୍ୟାସାନୋଭା ହୋଇ ଉଠିଲା । ପଚାଶ ପରିବା ତା ସହିତ ଯୋଡ଼ି ହୋଇଗଲେ । ଆଳୁ–ପୋଟଳ । ଆଳୁ–କୋବି । ଆଳୁ–ବାଇଗଣ । ଆଳୁ – ମଟର । କଲରା ଭଳି ପିତା ପରିବା ବି ତା' ପ୍ରେମରେ ପଡ଼ି ଆଳୁ–କଲରା ଚିପ୍ସ ହୋଇଗଲା । ଆଉ ଭେଣ୍ଡି ! ସେ ଏକାକିନୀ କାମିନୀ ହୋଇ ରହିଗଲା । ଭେଣ୍ଡି ସିଝା, ଭେଣ୍ଡି ପୋଡ଼ା, ଭେଣ୍ଡି ଭଜା– ଭେଣ୍ଡି ସବୁବେଳେ ଏକା । କେତେବେଳେ କେମିତି ଆଳୁ ଆଉ ଭେଣ୍ଡି ଭେଟାଭେଟି ହୋଇଯା'ନ୍ତି ସନ୍ତୁଳା ଭିତରେ । ଆଉ ଦୁନିଆ କି ବିଚିତ୍ର ଦେଖନ୍ତୁ ଉଭୟଙ୍କ ଛାତିରୁ ସେତେବେଳେ ଦୀର୍ଘଶ୍ୱାସ ବାହାରେ । ନା ଭୁଲିହୁ'ଏ ପ୍ରଥମ ପ୍ରେମ ନା ଭୁଲିହୁଏ ପ୍ରଥମ ପ୍ରତ୍ୟାଖ୍ୟାନ ।



## ପଙ୍ଖା



ବୋତାମ ଚିପିଲାମାତ୍ରେ
ପଙ୍ଖା ବୁଲିଲା ।
କେତେ ଆଜ୍ଞାକାରୀ!
ଏହାକୁ ତିଆରି କରିନି ମୁଁ
କିଣିଛି ।
ବିକ୍ରିହୋଇଥିବା ଲୋକ
ଆଦେଶ ପାଳନ କରନ୍ତି
କ୍ରେତାର ଇଚ୍ଛାରେ ନାଚନ୍ତି ।
ଯେମିତି ମୋ ଇଚ୍ଛାରେ
ନତମସ୍ତକ ଏ ପଙ୍ଖା ।

***(ମୂଳ ହିନ୍ଦୀ: ବସନ୍ତ ତ୍ରିପାଠୀ । ଓଡ଼ିଆ ଅନୁବାଦ: ମୃଣାଳ)***





## ଅଭିନୟ ଆଗ

ନିକଟରେ ରିଲିଜ୍ ହୋଇଥିବା ହୀରାମଣ୍ଡି ୱେବ୍‌ସିରିଜ୍‌କୁ ନେଇ ଚର୍ଚ୍ଚାରେ ଅଛନ୍ତି ରିଚା ଚଢା । ତାଙ୍କ ଅଭିନୟକୁ ବେଶ୍ ପ୍ରଶଂସା ମିଳିବାରେ ଲାଗିଛି । ସବୁବେଳେ ଅଭିନୟକୁ ପ୍ରାୟୋରିଟି ଦେଇଥାନ୍ତି ରିଚା । ଏପରିକି ନିଜ ବିବାହର ୧୦ ଦିନ ପୂର୍ବରୁ ବି ସେ ସୁଟିଂ କରୁଥିଲେ । ସେହିଭଳି ବର୍ତ୍ତମାନ ସେ ପ୍ରେଗନେଣ୍ଟ୍ ଅଛନ୍ତି, ତେଣୁ ଆଗକୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ଅଛି ବୋଲି ସେ ନିଜ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ନିଜ ମାଆଙ୍କ ଠାରୁ ସେ ଅନେକ କିଛି ଶିଖିଛନ୍ତି, ଯାହା ତାଙ୍କୁ ନିଜ ଛୁଆକୁ ବଡ କରିବାରେ ଦରକାର ଆସିବ ବୋଲି ରିଚା ମତ ଦେଇଛନ୍ତି । ତେବେ ଅଭିନୟ ସବୁବେଳେ ତାଙ୍କ ପ୍ରାୟୋରିଟି ଲିଷ୍ଟରେ ଆଗରେ ରହିବ ବୋଲି ରିଚା କହିଛନ୍ତି । ହିରାମଣ୍ଡିରେ ରିଚାଙ୍କୁ ଲାଜୋ ଚରିତ୍ରରେ ଦେଖିବାକୁ ମିଳୁଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି ।



## ନୂଆ ଲୁକ୍‌କୁ ନେଇ ଚର୍ଚ୍ଚା

ଅଭିନେତ୍ରୀ ସାମନ୍ଥା ନିକଟରେ ନିଜ ଅପକମିଂ ଫିଲ୍ମ 'ବଙ୍ଗରାମ'ର ପୋଷ୍ଟର ଜାରି କରିଛନ୍ତି । ଯାହା ପରେ ସାମନ୍ଥାଙ୍କ ଲୁକକୁ ନେଇ ସମସ୍ତେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି । ଏଥିରେ ସାମନ୍ଥାଙ୍କୁ ଶାଢି ସହିତ ବନ୍ଧୁକ ଧରିଥିବାର ଦେଖିବାକୁ ମିଳୁଛି । ଯାହାକୁ ନେଇ ଫ୍ୟାନମାନେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି । ଫିଲ୍ମରେ ସାମନ୍ଥାଙ୍କୁ ଶାଢିରେ ଆକସନ୍ କରୁଥିବାର ଦେଖିବାକୁ ମିଳିବ ବୋଲି ପୋଷ୍ଟରରୁ ଜଣା ପଡୁଛି । ସାମନ୍ଥାଙ୍କ ଫ୍ୟାନ ସବୁବେଳେ ତାଙ୍କ ଫିଲ୍ମ ପାଇଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଆନ୍ତି । ସୂଚନା ଅନୁସାରେ ସାମନ୍ଥା ଏହି ଫିଲ୍ମରୁ ନିଜର ପ୍ରଯୋଜନା କ୍ୟାରିୟର ମଧ୍ୟ ଆରମ୍ଭ କରିବାକୁ ଯାଉଛନ୍ତି । ଫିଲ୍ମଟି ଆସନ୍ତା ୨୦୨୫ରେ ପରଦାକୁ ଆସିବା ନେଇ ଯୋଜନା ରହିଛି ।



## ଗୋଟିଏ ସ୍କ୍ରିନ୍‌ରେ ତିନି ଖାନ !

ବଲିଉଡର ସବୁଠାରୁ ଚର୍ଚ୍ଚିତ ଯୋଡି ହେଲେ ତିନି ଖାନ୍ । ଏହି ଟ୍ରାୟୋକୁ ଦେଖିବାକୁ ଦର୍ଶକ ସବୁବେଳେ ଆଗ୍ରହ ପ୍ରକାଶ କରନ୍ତି । ତେବେ ନିକଟରେ କପିଲ ଶର୍ମା ଶୋ'ରେ ଏନେଇ ଚର୍ଚ୍ଚା ହୋଇଛି । କପିଲ ଶର୍ମା ଶୋ'ର ଏକ ଏପିସୋଡରେ ଅମିର ଖାନ୍ ସାମିଲ ହୋଇଥିଲେ । ଯେଉଁଥିରେ ସେ ଏହି ସମ୍ବନ୍ଧରେ ସୂଚନା ଦେଇଛନ୍ତି । ନିକଟରେ ଅମିର ସଲମାନ ଓ ଶାହରୁଖଙ୍କ ସହିତ ଏହି ବିଷୟରେ କଥା ହୋଇଛନ୍ତି । ଗୋଟିଏ ଫିଲ୍ମ ଏକାଠି କରିବା ନେଇ ଅମିର ସେମାନଙ୍କୁ କହିଥିବା କପିଲ ଶର୍ମା ଶୋ'ରେ ପ୍ରକାଶ କରିଛନ୍ତି । ଯଦି ତାଙ୍କ ଚେଷ୍ଟା ସଫଳ ହୁଏ ତେବେ ଖୁବ ଶୀଘ୍ର ତିନି ଖାନଙ୍କୁ ଏକାଠି ଦେଖିବାକୁ ମିଳିବ ବୋଲି ଅମିର ସୂଚନା ଦେଇଛନ୍ତି ।

## ଡରାଉଥିଲା କେଶ ଝଡ଼ିବା

ବି ଟାଉନ୍‌ର ଅନେକ ସେଲିବ୍ରିଟି କ୍ୟାନ୍ସରକୁ ହରାଇ ଜୀବନରେ ଜିତିଛନ୍ତି । ସେହି ତାଲିକାରେ ଅନେକ ସେଲିବ୍ରିଟିଙ୍କ ଭିତରେ ରହିଛନ୍ତି ନବେ ଦଶକର ପରିଚିତ ନାୟିକା ସୋନାଲି ବେନ୍ଦ୍ରେ । ନିକଟରେ ସୋନାଲି କ୍ୟାନ୍ସରକୁ ନେଇ ନିଜ ଅନୁଭୂତି ଏକ ସାକ୍ଷାତକାରରେ ବାଣ୍ଟିଛନ୍ତି ।



ଯେତେବେଳେ କ୍ୟାନ୍ସରର ଟ୍ରିଟମେଣ୍ଟ କାରଣରୁ ତାଙ୍କ କେଶ ଝଡିବା ଆରମ୍ଭ ହେଲା, ସେତେବେଳେ ତାଙ୍କୁ ସବୁଠାରୁ ଅଧିକ କଷ୍ଟ ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି । ଜଣେ ଅଭିନେତ୍ରୀ ହିସାବରେ କେଶର ଖୁବ ଗୁରୁତ୍ୱ ଥାଏ, ତେଣୁ ଏହା ତାଙ୍କୁ କଷ୍ଟ ଦେଇଥିଲା । ସେହିଭଳି ଅନ୍ୟ ସାଇଡ୍ ଇଫେକ୍ଟ ମଧ୍ୟ କଷ୍ଟ ଦେଇଥିଲା । ସୂଚନା ଅନୁସାରେ ବର୍ତ୍ତମାନ ସୋନାଲି କ୍ୟାନ୍ସରକୁ ହରାଇ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ।

## କରିନାହାନ୍ତି ଧର୍ମ ପରିବର୍ତ୍ତନ

ସୋସିଆଲ ମିଡିଆରେ ରାଗିଣୀ ଖାନ୍ନା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛନ୍ତି । ନିକଟରେ ସେ ଧର୍ମ ପରିବର୍ତ୍ତନ କରିଥିବା ନେଇ ଏକ ପୋଷ୍ଟ ସୋସିଆଲ ମିଡିଆରେ ଅପଲୋଡ ହୋଇଥିଲା । ଯାହାକୁ ରାଗିଣୀ ଖଣ୍ଡନ କରିଛନ୍ତି । ଅପଲୋଡ ହୋଇଥିବା ପୋଷ୍ଟ ଅନୁସାରେ ରାଗିଣୀ ହିନ୍ଦୁ ଧର୍ମ ଛାଡି ଖ୍ରୀଷ୍ଟଧର୍ମ ଆପଣାଇଛନ୍ତି । ହେଲେ ରାଗିଣୀ ଏହାକୁ ମିଛ ବୋଲି କହିଛନ୍ତି । ସେ କୌଣସି ଧର୍ମ ପରିବର୍ତ୍ତନ କରି ନାହାନ୍ତି ବୋଲି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ସେହିଭଳି ସେ କେବେ ବି ଏହା ବିଷୟରେ ଭାବି ମଧ୍ୟ ନାହାନ୍ତି ବୋଲି କହିଛନ୍ତି । ସେ ସବୁ ଧର୍ମକୁ ସମ୍ମାନ ଦେଇଥାଆନ୍ତି । ତାଙ୍କ ପାଇଁ ସବୁ ଧର୍ମ ସମାନ ହୋଇଥିବାବେଳେ ମଣିଷତ୍ୱ ହେଉଛି ସବୁଠାରୁ ବଡ ଧର୍ମ ବୋଲି ରାଗିଣୀ ମତ ଦେଇଛନ୍ତି । ସେ ପାଖାପାଖି ୧୦ ରୁ ୧୫ ବର୍ଷ ହେବ ରବିବାର ଚର୍ଚ୍ଚ ଯାଆନ୍ତି, ହେଲେ ଧର୍ମ ପରିବର୍ତ୍ତନ କଥା କେବେ ବି ଭାବି ନାହାନ୍ତି । ସୋସିଆଲ ମିଡିଆରେ ଏଭଳି ଗୁଜବ ନ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

## ପ୍ରକୃତି ପ୍ରେମରେ ପାଗଳ ହେବା

ବଦଳି ଗଲାଣି ପ୍ରକୃତି ଆମର
ସହି ହେଉନାହିଁ ଆଉ ଏ ଖରା
ଠିକଣା ବେଳକୁ ଋତୁ ଆସୁନାହିଁ
ମଉସୁମୀ ଏବେ ଦିଏନା ଧରା ॥
କୁଣିଆ ଭଳିଆ ଆସଇ ବସନ୍ତ
ଦିନେ କି ଓଳିଏ ଦେଉଛି ଦେଖା
ବଢ଼ି ବଢ଼ି ଚାଲେ ରୋଗର ପ୍ରକୋପ
କମି କମି ଯାଏ ଜୀବନ ରେଖା ॥
ସନ୍ତୁଳନ ଆମ ଯାଇଛି ବିଗିଡ଼ି
କମିକମି ଯାଏ ସବୁଠି ଗଛ
ଅନୁଭବ କେହି କରିଛକି କୁହ
ଯିଏ ପଛେ ତୁମେ ଯେଉଁଠି ଅଛ ॥
ଗଛନାହିଁ ବୋଲି ଋତୁ ଆସୁନାହିଁ
ଠିକଣା ବେଳକୁ ଆମରି ପାଇଁ
ଚାଷୀ ବସୁଅଛି ହାତବାନ୍ଧି ଘରେ
କାରଣ ଜାଣିଥା ବରଷା ନାହିଁ ॥
ସବୁଜ ବନାନୀ କରିବା ତିଆରି
ଦୁନିଆଁକୁ ଆସ ଦେଖେଇ ଦେବା
ଯିଏ ଯାହା କହୁ ଯିଏ ଯାହା ଭାବୁ
ପ୍ରକୃତି ପ୍ରେମରେ ପାଗଳ ହେବା ॥

**ଶିଶିର କୁମାର ପଣ୍ଡା**
କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮



## ଏକଥା ସତ

ଏକଥା ସତ
ହାରି ପାରେ ନାହିଁ ଲଢୁଆ
ପାଠ ଭୁଲେ ନାହିଁ ପଢୁଆ,
ହାତ, ଗୋଡ଼, ମୁହଁ ଫଟା ଫଟା ଲାଗେ
ଆସିଥିଲେ ଶୀତ ଜାଡୁଆ ॥
ଏକଥା ସତ
ଗଛ ଥିଲେ ପକ୍ଷୀ ଆସନ୍ତି
ନଦୀଏ ସାଗରେ ମିଶନ୍ତି,
ସିନେହ ଶରଧା ପାଇଗଲେ ଶିଶୁ
ମନ ଖୋଲି ଖୋଲି ହସନ୍ତି ॥
ଏକଥା ସତ
ବାପା ମାଆ ଆମ
ଅଳି ଅରଦଳି ସହନ୍ତି,
ଭଲ ଓ ମନ୍ଦରେ କହନ୍ତି
ଜୀବନର ପଥ ଦେଖାଇବା ପାଇଁ
କେହି ତାଙ୍କ ପରି ନୁହନ୍ତି ॥
ଏକଥା ସତ
ବିତିବା ସମୟ ଆସେନି
କେହି କାହା ଗୁଣ କଷେନି,
ଭଲ ପିଲା ଯିଏ ଦେଶ ହିତ କରେ
ଖରାପ କାମରେ ପଶେନି ॥
ଏକଥା ସତ
ଦୁଃଖ ଥିଲେ ସୁଖ ଆସିବ
ଭଲ ଗୁଣ ଥିଲେ ବାସିବ,
ଈଶ୍ୱରଙ୍କ ପାଶେ ଧ୍ୟାନ ରଖିଲେ
ସବୁ ଭଲ କାମ ଦିଶିବ ॥

**ଅନନ୍ତ କୁମାର ସେନାପତି**
ବାଣ୍ଡୁପଡା, ରେଲୱେ ସାଇଡିଙ୍ଗ,
ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫



## ବହି ପଢ଼

ମନ ଦେଇ କରି
ବହି ପଢ଼ ପିଲେ ବହି ପଢ଼,
ବହି ପଢ଼ି ପଢ଼ି ହୋଇ ଯାଅ ତୁମେ
ଦେଶ ଦୁନିଆରେ ବେଶୀ ବଡ଼ ॥
ମନଦେଇ କରି
ବହି ପଢ଼ ପିଲେ ବହି ପଢ଼,
ଜ୍ଞାନବିଜ୍ଞାନରେ ଊର୍ଦ୍ଧ୍ୱଗାମୀ ହୋଇ
ବିଶ୍ୱ ଦରବାରରେ ଜିଣ ଗଡ଼ ॥
ମନ ଦେଇ କରି
ବହି ପଢ଼ ପିଲେ ବହି ପଢ଼,
ଧ୍ୟାନ ଧାରଣାର ଅଗ୍ନିସ୍ତୁପ ହୋଇ
ଅଜ୍ଞାନ ତମସା କର ଦୂର ॥
ମନ ଦେଇ କରି
ବହି ପଢ଼ ପିଲେ ବହି ପଢ଼,
ଭାଷା ମାତୃଭୂମି ଜାଗି ଉଠୁ ପୁଣି
ଠିଆ ହେଉ ସାହିତ୍ୟର ଗଡ଼ ॥
ମନ ଦେଇ କରି
ବହି ପଢ଼ ପିଲେ ବହି ପଢ଼,
ବହି ପଢ଼ିପଢ଼ି ଲେଖକଟେ ହୁଅ
ଲେଖାରେ ଲେଖାରେ ହେଉ ଝଡ଼ ॥

**ଦୀନବନ୍ଧୁ ବେଜ**
ସହକାରୀ ଶିକ୍ଷକ, ଶିଖାପାଲ୍ଲୀ, ମାଲକାନଗିର



## ଆମେ ଏ ଦେଶ ଶିଶୁ

ଆମେ ସୁନ୍ଦର କୁସୁମ ପରା
କୋମଳ ଆମ ମନ
ସମୟ ସହ ଆଗକୁ ବଢି
ହେବୁ ଅସଲ ଧନ ॥
ପର ଆପଣା ଭେଦ ଭାବନା
ନ ଥାଏ ଆମ ମନେ
ମିଠା ସ୍ୱଭାବେ ବାରତା କହୁ
ସତକୁ ରଖି ଧ୍ୟାନେ ॥
ମାନ ସମ୍ମାନ ଦେଇକି ଖୋଜୁ
ସେନେହ ଶ୍ରଦ୍ଧା ଗେଲ
ଧରଣୀ ମାଆ ବଗିଚା କୋଳେ
ଆମେ ତ ସଜ ଫୁଲ ॥
ଆମରି ମନେ ଦିଅନା ଦୁଃଖ
ମୁହଁରେ ଦିଅ ହସ
ଦିନ ଆସିବ ଆମେ ରଖିବୁ
ଏଇ ଦେଶର ଯଶ ॥
ଆମେ ସାଜିବୁ ଦେଶ ସେବକ
ଜଗିବୁ ସୀମାନ୍ତରେ
ଡାକ୍ତର ହୋଇ ରୋଗୀଙ୍କ ସେବା
କରିବୁ ଶରଧାରେ ॥
ଯନ୍ତ୍ରୀ ହୋଇବୁ ଗଢିବୁ ଆମେ
କଳ କବଜା କେତେ
କୃଷକ ହୋଇ ଫଳେଇ ଦେବୁ
ସୁନା ଫସଲ କ୍ଷେତେ ॥
ଆମକୁ ଦିଅ ସୁଖ ଆଶିଷ
ପରାଣ ଆମ ହସୁ
ଦେଶ ହିତରେ କରିବୁ କାମ
ଆମେ ଏ ଦେଶ ଶିଶୁ ॥

**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬



## ଉଡ଼ିଗଲା ପାରା ଫୁର୍

ଗ୍ରୀଷ୍ମ ବୈଶାଖ ଜ୍ୟେଷ୍ଠ ମାସ
ଖାଇବ ପଖାଳ ଚେନାଚୁର
ଆମ୍ବ ପଣସ ତ ମହକି ଉଠୁଛି
ଉଡ଼ିଗଲା ପାରା ଫୁର୍ ॥
ଆଖୁପଣା ଦହି ପାଖେ ରଖିଥାଅ
ଦିନବେଳେ ଖରା ଛାଇ
ଶୁଖି ତ ଗଲାଣି ଗଡିଆ ପୋଖରୀ
ମନ ହୁଏ ହାଇଁ ପାଇଁ ॥
କୋଇଲି ନାହିଁ ରେ ଆମ୍ବ ଗଛରେ
ହୋସ ଯାଉଛି ଉଡି
ଗଛ ଛାଇ ତ ସାତ ସପନ
କୋଠାବାଡ଼ି ଏବେ ଯୋଡ଼ିକୁ ଯୋଡ଼ି ॥
ଅଂଶୁଘାତ ଏବେ ହସିହସି କହେ
ନାହିଁରେ ବରଷା ଟୁର
ବେଳ ଥାଉ ଥାଉ ହୁଅ ସାବଧାନ
ଉଡ଼ିଗଲା ପାରା ଫୁର୍ ॥

**କୁମାର ବିଜୟ**
ଗୌରଚନ୍ଦ୍ରପୁର, ନୟାଗଡ଼
ମୋ: ୭୮୪୯୦୪୯୮୧୮



# ପାପ ପ୍ରଣୟ

**ପୁରୁଷ-ନାରୀଙ୍କ ମଧ୍ୟରେ ପ୍ରେମ ପ୍ରଣୟ ଓ ଦୈହିକ ଆକର୍ଷଣ ରହିବା ସ୍ୱାଭାବିକ । ହେଲେ ଏହା ଯଦି ଅବାଞ୍ଛିତ ହୋଇଥାଏ ତାହାକୁ ପ୍ରେମ ନୁହେଁ, ପାପ ପ୍ରଣୟ କୁହାଯାଏ । ଏଭଳି କାର୍ଯ୍ୟକଳାପର ଅନ୍ତ ସର୍ବଦା କରୁଣ ଓ ଭୟଙ୍କର ହୋଇଥାଏ । ଏହାର ପରିଣାମ କେବଳ ଦୁଇ ପ୍ରେମୀଯୁଗଳଙ୍କୁ ନୁହେଁ, ସମ୍ପୂର୍ଣ୍ଣ ଆତ୍ମୀୟଙ୍କୁ ଭୋଗିବାକୁ ପଡ଼େ । ଅନୈତିକ ସମ୍ପର୍କକୁ ନେଇ ଘଟିଥିବା ଏକ ବୀଭତ୍ସ କାଣ୍ଡର ବିସ୍ତୃତ କାହାଣୀକୁ ନେଇ ଆମର ଏ ପ୍ରସ୍ତୁତି...**

ଅର୍ଥାଭାବ, ବାରିପାରିକ ବିଶୃଙ୍ଖଳା ଓ ବୁଝାମଣାର ଅଭାବ ସବୁବେଳେ ମଣିଷକୁ ବିପଥଗାମୀ କରିଥାଏ । ଏଥିରୁ ମୁକ୍ତିର ବାଟ ଖୋଜି ପାଇବାରେ କଦବା କ୍ୱଚିତ୍ କିଏ ସଫଳ ହୋଇଥାଏ । ପ୍ରାୟତଃ ପଥଭ୍ରଷ୍ଟ ହୋଇ ଏତେଦୂରକୁ ଚାଲିଯାଆନ୍ତି ଯେ ଯେଉଁଠାରୁ ଫେରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାରେ ମାର୍ଗ ସେମାନଙ୍କ ପାଖରେ ନ ଥାଏ । ଏମିତି ଏକ ଅବାଟରେ ପାଦ ଥାପିଥିଲା ୩ ପିଲାର ମା' ୩୦ ବର୍ଷୀୟା ରିମା ଓରଫ ରିୟା । ଭାବିଥିଲା ସ୍ୱାମୀକୁ ମାରି ଏ ଅଭାବ କଷଣ ଭରା ସଂସାରକୁ ତ୍ୟାଗକରି ଅବୈଧ ପୁରୁଷର ହାତଧରି ନୂଆ ଦୁନିଆର ଆଲୋକ ଦେଖିବ । ହେଲେ ସେ ଭୁଲିଯାଇଥିଲା ମନ୍ଦ କର୍ମର ଫଳ ସର୍ବଦା ମନ୍ଦ ବୋଲି । ଶେଷରେ ତା' କୁତ୍‌କର୍ମର ପୂରା ଚିଠା ଖୋଲିଦେଇଥିଲେ ତା'ର ଜନ୍ମିତ ସନ୍ତାନ । ଯେତେ ଲୁଚାଇବାକୁ ଚେଷ୍ଟା କଲେ ହେଁ ରିୟା ଲୁଚାଇ ପାରିନଥିଲା ତା'ର ଅପରାଧ । ଶେଷରେ ପୋଲିସ ଆଗରେ ବଖାଣି ଦେଇଥିଲା ହତ୍ୟା କାହାଣୀର ଆମୂଳଚୂଳ ।

ଅଭିଯୁକ୍ତା ରିୟାଙ୍କ ସ୍ୱୀକାରୋକ୍ତି ଅନୁସାରେ ଘଟଣାଟି ହେଉଛି ଉତ୍ତରପ୍ରଦେଶ ମେରଟ ଜିଲ୍ଲା ଟି.ପି.ନଗରସ୍ଥିତ ଶିବପୁରମ୍ କଲୋନୀର । ଇଞ୍ଚୋଲି ଥାନା ବନାଗାଁର ମୂଳନିବାସୀ ବୁଦ୍ଧ ସିଂହଙ୍କ ୩୨ ବର୍ଷୀୟ ପୁତ୍ର ରାଜେଶ ସିଂହ ଥିଲେ ଖୁବ୍ ସରଳ ସ୍ୱଭାବର । ଅଭାବୀ ପରିବାରରେ ଜନ୍ମ ହୋଇଥିବାରୁ ପିଲାଦିନୁ ସେ ଥିଲା ଖୁବ୍ ନିରୀହ ଓ ଗୁମ୍‌ସୁମ୍ ସ୍ୱଭାବର । ଅର୍ଥାଭାବରୁ ମାତ୍ର କେଇ କ୍ଲାସ୍ ପାଠପଢ଼ିବା ପରେ ରାଜେଶ ରଦ୍ଦି କାଗଜପତ୍ର, ଭଙ୍ଗା ଲୁହାଟିଣର କାରବାର ଆରମ୍ଭ କରିଥିଲେ । ଗଳିକନ୍ଦି ବୁଲି କବାଡ଼ି ବେପାର କରି ଯେତିକି ଅର୍ଥ ରୋଜଗାର କରୁଥିଲେ ସେଥିରେ ପରିବାର କୌଣସିମତେ ଚଳିଯାଉଥିଲା ।

ଇତିମଧ୍ୟରେ ରାଜେଶର ସାକ୍ଷାତ ହୋଇଥିଲା ରିମା ଓରଫ ରିୟା ସହିତ । ରିୟା ମଧ୍ୟ ଏକ ଗରିବ ପରିବାରର ହୋଇଥିବାରୁ କିଛିଦିନର ଆଳାପ ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ଦୁହିଁଙ୍କ ପାରିବାରିକ ସ୍ଥିତି ସମାନ ଥିବାରୁ ବିନା କୌଣସି ପାରିବାରିକ ବାଧାବିଘ୍ନରେ ସମ୍ପୂର୍ଣ୍ଣ ସାମାଜିକ ସ୍ୱୀକୃତିରେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଥିଲା । ବିବାହର କିଛିବର୍ଷ ଶାଶୁଘରେ ଖୁବ୍ ସୁନ୍ଦରଭାବେ ବିତାଇଥିଲେ ରିୟା । ଇତି ମଧ୍ୟରେ



ସେ ତିନି ସନ୍ତାନ ୯ ବର୍ଷୀୟ ଦୁଷ୍ମନ୍ତ, ୬ ବର୍ଷୀୟ କିତିକା ଓ ୫ ବର୍ଷର ବିଧିତା ଦୁଇ ଝିଅ ଓ ଗୋଟିଏ ପୁଅର ଜନନୀ ସାଜିସାରିଥିଲେ । ହେଲେ ପରିବାର ବଢ଼ିବା ପରେ ଆଉ କବାଡ଼ି ବେପାରରେ ଚଳିବା ସମ୍ଭବ ହୋଇନଥିଲା । ଶେଷରେ ବାଧହୋଇ ରିୟା ଓ ରାଜେଶ ଗାଁ ଛାଡ଼ି ମେରଟର ଟିପିନଗରସ୍ଥିତ ଶିବପୁରମ୍ କଲୋନୀରେ ଭଡ଼ାଘର ନେଇ ରହିଥିଲେ ।

ଘର ଛାଡ଼ିବା ପରେ ମଧ୍ୟ ଅର୍ଥଭାବ ତାଙ୍କ ପିଛା ଛାଡ଼ିନଥିଲା । କବାଡ଼ି ବେପାରରେ ତିନି ପିଲାଙ୍କୁ ନେଇ ଚଳିବା କଷ୍ଟକର ହୋଇପଡ଼ିଥିଲା । ବହୁ କଷ୍ଟରେ ହାତଉଧାରୀ କରି ଚଳୁ ଚଳୁ ରିୟାଙ୍କ ସାକ୍ଷାତ ହୋଇଥିଲା ଶିବପୁରମ କଲୋନୀର ଅବିବାହିତ ଯୁବକ ଶିବମ ଓରଫ ଶିବୁ ସହିତ । ଅର୍ଥ ସାହାଯ୍ୟ କରୁ କରୁ ଶିବୁ ଓ ରିୟା ମଧ୍ୟରେ ପ୍ରଥମେ ସୁସମ୍ପର୍କ ଓ ପରେ ଏହା ଅବୈଧର ରୂପ ନେଇଥିଲା । କିଛିଦିନ ଦୁହେଁ ଶାରୀରିକ ସମ୍ପର୍କରେ ଲିପ୍ତ ରହିବା ପରେ ଧୀରେ ଧୀରେ ଏହା ରାଜେଶଙ୍କ କାନରେ ପଡ଼ିଯାଇଥିଲା । ଏହାକୁ ନେଇ ଆରମ୍ଭ ହୋଇଯାଇଥିଲା ପାରିବାରିକ ଝଡ଼ । ମାନସିକ ଚାପରେ ରାଜେମ ଘର ଚଳାଇବା ପରିବର୍ତ୍ତେ ଯାହା ରୋଜଗାର କରୁଥିଲା ମଦ୍ୟପାନରେ ଉଡ଼ାଇ ଘରକୁ ଫେରୁଥିଲା । ପତି-ପତ୍ନୀଙ୍କ ମଧ୍ୟରେ ନିୟମିତ କଳିତକରାଳ ଲାଗିରହୁଥିଲା । ରାଜେଶର ବାରମ୍ବାର ବାରଣ ସତ୍ତ୍ୱେ କୌଣସି ପ୍ରକାରେ ରିୟା ଅନୈତିକ ସମ୍ପର୍କ ତୁଟାଇବାକୁ ରାଜି ନ ଥିଲା । ଫଳରେ ଝଗଡ଼ାରେ ସୀମିତ ଥିବା ଦାମ୍ପତ୍ୟ ମାଡ଼ଗାଳି ପର୍ଯ୍ୟନ୍ତ ଯାଇଥିଲା । ରାଜେଶ ମଦ୍ୟପାନ କରି ପ୍ରତିଦିନ ରିୟାକୁ ନିସ୍ଥୁକ ମାଡ଼ ମାରୁଥିଲା । ମାଡ଼ଗାଳି ସହି ଅତିଷ୍ଠ ହୋଇଯିବା ପରେ ଯେମିତି ହେଲେ ରାଜେଶଙ୍କୁ ଜୀବନରୁ ହଟାଇବାକୁ ହେବ ବୋଲି ରିୟା ନିଷ୍ପତ୍ତି ନେଇସାରିଥିଲା । ଏ ସମ୍ପର୍କରେ ସେ ଶିବୁ ସହିତ କଥା ହେବାପରେ ସୁଯୋଗ ମିଳିବା ମାତ୍ରେ ରାଜେଶଙ୍କୁ ହତ୍ୟାକରି ସବୁଦିନ ପାଇଁ ଏକ ହୋଇଯିବେ ବୋଲି ଦୁହେଁ ସ୍ଥିର କରିଥିଲେ ।

ଦିନେ ସନ୍ଧ୍ୟାରେ ରାଜେଶ ପ୍ରଚୁର ମଦ୍ୟପାନ କରି ଘରକୁ ଫେରିଥିଲା । ଏହି ସମୟରେ ଘରେ ରିୟା ନ ଥିବାରୁ ତା'ର ରାଗ ପଞ୍ଚମକୁ ଉଠିଯାଇଥିଲା । ରିୟା ଆସିବା ମାତ୍ରେ ତାକୁ ନିର୍ଦ୍ଧୁମ ପିଟି ମଦ ନିଶାରେ ଶୋଇଯାଇଥିଲା ରାଜେଶ । ଏହି ସୁଯୋଗରେ ରିୟା ଶିବୁକୁ ଫୋନ୍ କରି ଘରକୁ ଡାକିଦେଇଥିଲା । ଶିବୁକୁ ଦେଖି ରାଜେଶ ଗାଳିକରିବା ଆରମ୍ଭ କରିବା ମାତ୍ରେ ରିୟା ଏକ କାଠ ପଟାରେ ରାଜେଶଙ୍କ ମୁଣ୍ଡକୁ ପିଟିଚାଲିଥିଲା । ରକ୍ତାକ୍ତ ଅବସ୍ଥାରେ ନିଶାଶକ୍ତ ରାଜେଶ ଭୂଇଁରେ ଟଳିପଡ଼ିବା ମାତ୍ରେ ପାଖରେ ପଡ଼ିଥିବା ଏକ ତାରରେ ଶିବୁ ତାଙ୍କ ତଣ୍ଟିଚିପି ହତ୍ୟା କରିଦେଇଥିଲା । ଦୁହେଁ ମିଶି ରାଜେଶ ଶବକୁ ଏକ ଅଖାରେ ପୂରାଇ ଭଙ୍ଗା ଲୁହାଟିଣ ଗଦାହୋଇଥିବା ଏକ ଘରଭିତରେ ଲୁଚାଇ ଦେବା ପରେ ଶିବୁ ସେଠାରୁ ରାତାରାତି ଗାଏବ ହୋଇଯାଇଥିଲା ।

ପରଦିନ ସକାଳେ ରିୟାଙ୍କ ଭଉଣୀ ରେବା ପହଞ୍ଚି ଭିଣୋଇ ରାଜେଶଙ୍କୁ ଖୋଜିବାରୁ ସେ କୌଣସି କାମରେ ଦିଲ୍ଲୀ ଯାଇଛନ୍ତି ବୋଲି ରିୟା କହିଥିଲା । ହେଲେ ରାଜେଶଙ୍କ ପୁଅ ଦୁଷ୍ମନ୍ତ ମା' ଚାଲିଯିବା ପରେ ମାଉସୀ ରେବାଙ୍କୁ ବାପାଙ୍କୁ ମା' ଓ ଶିବୁ ଅଙ୍କଲ ମାରିଛନ୍ତି ବୋଲି କହିଦେଇଥିଲା । ଏହା ଶୁଣିବା ମାତ୍ରେ ରେବାଙ୍କ ପାଦତଳୁ ମାଟି ଖସିଯାଇଥିଲା । କିଛିକ୍ଷଣ ପାଇଁ ସେ ଅବାକ୍ ହୋଇଥିଲେ । ସେ ରିୟାଙ୍କୁ କିଛି ନ କହି ଫୋନ୍ କରି ପିତାମାତାଙ୍କୁ ସେଠାକୁ ଡାକିଦେଇଥିଲେ । ସେମାନେ ପହଞ୍ଚିବା ପରେ ରିୟାଙ୍କୁ ରାଜେଶଙ୍କ ସମ୍ପର୍କରେ ପଚରାଯାଇଥିଲା । ସେ ପ୍ରଥମେ ଭୁଲାଇବାକୁ ଚେଷ୍ଟା କରିଥିଲା । ହେଲେ ସମସ୍ତେ ମିଶି ଆକ୍ରମଣ କରିବାରୁ ଶେଷରେ ସବୁ ସତକଥା କହିଦେଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରିୟାକୁ ଗିରଫ କରିବା ପରେ ରାଜେଶଙ୍କ ଶବକୁ ଅଳିଆ ଭିତରୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା । ସିଟି ଏସ୍‌ପି ମାନ ସିଂହ ଚୌହାନଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶିବୁଙ୍କୁ ଟିପିନଗର ଫାଟକ ପାଖରୁ ଗିରଫ କରିବା ପରେ ଦୁହିଁଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା ।



# ଅଖି ମୁଠି ଅନୁକୂଳ

ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟାର ବିଶେଷ ମହତ୍ତ୍ୱ ରହିଛି । ଏହି ପବିତ୍ର ଦିବସରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟାରେ ପଡ଼ିଥାଏ ପବିତ୍ର ଅକ୍ଷୟ ତୃତୀୟା ଦିବସ । ଏହି ତିଥିରେ ସମସ୍ତ ପ୍ରକାର ଶୁଭ କାର୍ଯ୍ୟର ଅନୁକୂଳ ହୋଇଥାଏ । ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥ ନିର୍ମାଣ ଅନୁକୂଳ ହୋଇଥାଏ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥ ନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢ଼ି ସ୍ପର୍ଶ କରାଯାଇ  ରଥ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏଣୁ ଓଡ଼ିଆମାନଙ୍କ ପାଇଁ ଅକ୍ଷୟ ତୃତୀୟା ଅନୁକୂଳର ଦିବସ ହୋଇଥାଏ । ଏଣୁ ଏହି ପବିତ୍ର ବିଦସରେ ଗୃହ ନିର୍ମାଣଠାରୁ ଆରମ୍ଭ କରି ଦେବାଳୟ ନିର୍ମାଣ, କୂପ, ପୁଷ୍କରିଣୀ ଆଦି ଖନନ ସହ ସମସ୍ତ ପ୍ରକାର ଦେବତା ଗଠନ, ଯାନ କ୍ରୟ, ଦୀକ୍ଷା ଗ୍ରହଣ, ହଳ, ବ୍ୟବସାୟ ପ୍ରଭୃତି ଶୁଭକାର୍ଯ୍ୟ ଏହି ତିଥିରେ ହିଁ ଆରମ୍ଭ କରାଯାଇଥାଏ । ଔପଚାରିକ ଭାବେ ଏହି ଦିନକୁ କୃଷକ ଦିବସ ରୂପେ ପାଳନ କରାଯାଏ । କୃଷକମାନେ ଏହାକୁ 'ଶୁଦ୍ଧି ଓ ସିଦ୍ଧିର ଦିବସ' ଭାବେ ପାଳନ କରିଥାନ୍ତି । ଏହି ଦିନରେ କୃଷକ ଧାନ ବୁଣିବା ସହ ମୁଠି ଅନୁକୂଳ କରିଥାଏ । ବ୍ରାହ୍ମମୂହୁର୍ତ୍ତରୁ ଧାନକୋଠି ପୂଜା ସହ ଝୋଟି ପଡ଼ିଥିବା ଗଉଣୀରେ ବିହନ ଧାନ କୋଠିରୁ ବାହାର କରାଯାଇଥାଏ । ସେହି ଧାନ ବିଲକୁ ନେବା ସହ ସେଠାରେ ଧୂପ, ଦୀପ, ଚାଉଳ ଦେଇ ବିଲକୁ ପୂଜା କରିସାରିବା ପରେ ଧାନ ବୁଣା ଅନୁକୂଳ କରାଯାଇଥାଏ ।


## ଚନ୍ଦନ ଯାତ୍ରା

ପବିତ୍ର ଅକ୍ଷୟ ତୃତୀୟା ଦିନଠାରୁ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଏତଦ୍‌ବ୍ୟତୀତ ଓଡ଼ିଶାର ଅନ୍ୟ ସ୍ଥାନରେ ମଧ୍ୟ ଚନ୍ଦନ ଯାତ୍ରା ପାଳନ କରାଯାଏ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଶ୍ରୀମନ୍ଦିରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ଚାଲେ । ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ (ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ଯାତ୍ରା ରୂପେ ପାଳିତ ହୋଇଥାଏ । ସେହିଭଳି ଏହି ଦିନ ଘଡି ପତୁଲି ଭୋଗର ପରମ୍ପରା ମଧ୍ୟ ରହିଛି । ଘଡି ପତୁଲିରେ ମୁଢି, ଚୁଡା, ଉଖୁଡା, ବିଭିନ୍ନ ଫଳ ଯେପରି ତାଳ, ଖଜୁରୀ, କୋଳି ରଖି ପୁଜା କରାଯାଇ ଛୋଟ ପିଲାଙ୍କୁ ବଣ୍ଟା ଯାଇଥାଏ । କିଛି ଅଂଶରେ ଏହାକୁ ବ୍ରତ ରୂପେ ପାଳନ କରାଯାଏ । ବ୍ରତଧାରୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭ କରି ଆଠବର୍ଷରେ ଉଦ୍ୟାପନ କରନ୍ତି । ଏହି ଦିନ ଜଳଦାନ କଲେ ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି । ଏହାଛଡ଼ା ଏହି ପବତ୍ର ଦିନରେ ମାଆ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ମାଆଙ୍କୁ ସନ୍ତୁଷ୍ଟ କରି ଗୃହରେ ଆବାହନ କରିବା ନିମନ୍ତେ ସୁନା କିଣିବାର ପରମ୍ପରା ମଧ୍ୟ ରହିଛି ।



**କୁହାଯାଏ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ଶୁଭ ମୂହୁର୍ତ୍ତ ଦେଖି ଅନୁକୂଳ କରାଯାଇଥାଏ, ଯାହା ଫଳରେ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ପାଳନ ହୋଇଥାଏ ଅନୁକୂଳର ପର୍ବ ଅକ୍ଷୟ ତୃତୀୟା ।**





# ହାର୍ଟ ହେଲ୍ଥ

**ଶରୀରର ବିଭିନ୍ନ ଅଙ୍ଗ ଭିତରେ ହୃତପିଣ୍ଡ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହାର ସ୍ୱାସ୍ଥ୍ୟ ପ୍ରତି ଆମକୁ ଅଧିକ ଯତ୍ନବାନ ହେବାକୁ ପଡିଥାଏ । ତେଣୁ ସବୁବେଳେ ଚେଷ୍ଟା କରନ୍ତୁ ହୃତପିଣ୍ଡ ସମ୍ବନ୍ଧିତ ସମସ୍ତ ତଥ୍ୟ ଜାଣିବାକୁ ।**

ହୃତପିଣ୍ଡ ବା ହାର୍ଟ ଆମକୁ ଜୀବନ୍ତ ରଖିବାରେ ସବୁଠାରୁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେଣୁ ଏହାକୁ ସୁସ୍ଥ ରଖିବା ସବୁଠାରୁ ଜରୁରୀ । ତେବେ ହୃତପିଣ୍ଡ ସମ୍ବନ୍ଧିତ ଅନେକ ସ୍ୱାସ୍ଥ୍ୟ ସମସ୍ୟା ରହିଛି ଯାହା ବିଷୟରେ ଅନେକ ଲୋକ ଜାଣନ୍ତି ନାହିଁ । ଆସନ୍ତୁ ସେହିଭଳି କିଛି ସମସ୍ୟା ବିଷୟରେ ଜାଣିବା ।

## କୋରୋନାରୀ ଆର୍ଟେରୀ ଡିଜିଜ୍ (ସିଏଡି)

ସିଏଡି ହେଉଛି ସବୁଠାରୁ କମନ୍ ହାର୍ଟରୋଗ । ଏହି ସମସ୍ୟାରେ ଆପଣଙ୍କର କରୋନାରୀ ଆର୍ଟେରୀରେ ବ୍ଲକେଜ ଥିବାର ଭୟ ରହିଥାଏ । ଯାହା ଫଳରେ ଆପଣଙ୍କ ହୃତପିଣ୍ଡରେ ରକ୍ତ ଓ ଅମ୍ଳଜାନ ପହଞ୍ଚିବାରେ ସମସ୍ୟା ହୋଇପାରେ । ଏହି ସମସ୍ୟା ଅଧିକ ଦିନ ରହିଲେ ହୃଦଘାତର ରୂପ ନେଇପାରେ ।

## ହାର୍ଟ ଆର୍ଥ୍ରିମିଆସିସ୍

ଏହି ସମସ୍ୟା ଥିଲେ ଆମ ହାର୍ଟ ବିଟ୍‌ରେ ସମସ୍ୟା ଦେଖିବାକୁ ମିଳିଥାଏ । ଏହାଦ୍ୱାରା ହାର୍ଟ ବିଟ୍ ଇର୍‌ରେଗୁଲାର ହୋଇଥାଏ । ଏହି ସମସ୍ୟା ଯାହାର ଥାଏ ସେମାନଙ୍କର ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହୁଏ, ହାର୍ଟ ବିଟ୍‌ର ସମୟ ଠିକ୍ ରହିନଥାଏ ।

## ହାର୍ଟ ଫେଲୁଅର

ଏହା ହେଲେ ଆମ ହୃତପିଣ୍ଡ ଆଉ ରକ୍ତକୁ ଆମର ଅନ୍ୟ ଅଙ୍ଗ ଗୁଡିକରେ ପହଞ୍ଚାଇ ପାରି ନଥାଏ । ଯାହାଫଳରେ ଆମ ଶରୀରରେ ଥିବା ବିଭିନ୍ନ ଅଙ୍ଗକୁ ରକ୍ତ ପହଞ୍ଚିବା ବନ୍ଦ ହୋଇଯାଏ । ଏହାର କାରଣ ଅନେକ କିଛି ହୋଇପାରେ ।

## ହାର୍ଟ ଭାଲ୍ଭ ଡିଜିଜ୍

ଆମ ହାର୍ଟରେ ଚାରୋଟି ଭାଲ୍ଭ ରହିଛି ଯାହା ହାର୍ଟର ରକ୍ତ ସଞ୍ଚାଳନକୁ ନିୟନ୍ତ୍ରଣ କରିଥାଏ । ଏହି ସମସ୍ୟା ହେଲେ ରକ୍ତ ସଞ୍ଚାଳନରେ ସମସ୍ୟା ଆସିପାରେ । ଏହାଦ୍ୱାରା ଆମର ବ୍ଲଡ ଫ୍ଲୋ ବ୍ଲକ୍ କିମ୍ବା ଲିକ୍ ହୋଇପାରେ , ଯାହା ଫଳରେ ରକ୍ତ ସଞ୍ଚାଳନ ବନ୍ଦ ହୋଇପାରେ ।

### ଟିପ୍ସ

- ହେଲ୍‌ଦି ଡାଏଟ୍
- କମ୍ ବସନ୍ତୁ, କିଛି କିଛି ସମୟ ବ୍ୟବଧାନରେ ଚାଲନ୍ତୁ ।
- ନିଶା ଦ୍ରବ୍ୟଠାରୁ ଦୂରରେ ରୁହନ୍ତୁ ।
- ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ ।
- ରକ୍ତଚାପ ଥିଲେ ଏହାକୁ ମନିଟର କରନ୍ତୁ ।



ଆମେରିକା ଓ ୱେଷ୍ଟଇଣ୍ଡିଜରେ ଜୁନ ମାସରୁ ଆରମ୍ଭ ହେବ ଟି-୨୦ ବିଶ୍ୱକପ । ତେଣୁ ଘୋଷଣା ସରିଛି ଭାରତୀୟ ଦଳ । ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ୧୫ ଜଣିଆ ଟିମରେ ଥିବା ଖେଳାଳିଙ୍କ ନାଁ ସାର୍ବଜନୀନ କରିଥିଲେ । ପୂର୍ବ ସୂଚନା ମୁତାବକ ରୋହିତ ଶର୍ମାଙ୍କ ନେତୃତ୍ୱରେ ହିଁ ଟିମ ଇଣ୍ଡିଆ ଟ୍ରଫି ପାଇଁ ଲଢ଼ିବ ।




# ବିଶ୍ୱକପ ପାଇଁ ଭାରତୀୟ ଟିମ








୧ ୧୫ ଜଣିଆ ଦଳରେ ଯୁବ ତାରକା ଶୁବମନ ଗିଲ୍ ସ୍ଥାନ ପାଇ ନାହାନ୍ତି । ତାଙ୍କ ବଦଳରେ ଯଶସ୍ୱୀ ଜୈସୱାଲଙ୍କ ଉପରେ ବିସିସିଆଇ ଅଧିକ ଭରସା ଦେଖାଇଛି । ଖରାପ ଫର୍ମ ସତ୍ତ୍ୱେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟି-୨୦ ସ୍କ୍ୱାଡରେ ରଖାଯାଇଛି । ସେ ଉପ ଅଧିନାୟକ ପଦ ପୂର୍ବ ଭଳି ବଜାୟୀ ରଖିଛନ୍ତି ।

ପାଣ୍ଡ୍ୟାଙ୍କ ବ୍ୟତୀତ ଅଲରାଣ୍ଡର ଭାବେ ଶିବମ ଦୁବେଙ୍କୁ ମଧ୍ୟ ସ୍ଥାନ ମିଳିଛି । ସେ ଆଇପିଏଲରେ ଚେନ୍ନାଇ ଜବରଦସ୍ତ ପ୍ରଦର୍ଶନ କରି ଚାଲିଛନ୍ତି । ସେହିପରି କାର ଦୁର୍ଘଟଣାରେ ଆହତ ହୋଇ ୧୫ ମାସ ପରେ ଆଇପିଏଲ ଖେଳିବାକୁ ଫିଟ ହୋଇଥିବା ଋଷଭ ପନ୍ତଙ୍କୁ ଭାରତୀୟ ଟିମରେ ସୁଯୋଗ ମିଳିଛି । ଆଇପିଏଲରେ ସେ ଦମଦାର ଫର୍ମରେ ଥିବାରୁ ତାଙ୍କ ଉପରେ ବିସିସିଆଇ ଭରସା ଦେଖାଇଛି । ଦ୍ୱିତୀୟ ୱିକେଟ କପିର ଭାବେ ସଞ୍ଜୁ ସାମସନଙ୍କୁ ଦଳରେ ରଖାଯାଇଛି । ଭଲ ପ୍ରଦର୍ଶନ ସତ୍ତ୍ୱେ କେଏଲ ରାହୁଲଙ୍କୁ ଅଣଦେଖାଳ କରାଯାଇଛି । ସେ ରିଜର୍ଭ ଖେଳାଳି ତାଲିକାରେ ମଧ୍ୟ ନାହାନ୍ତି ।

ରିଙ୍କୁ ସିଂହ ଓ ଶୁବମନ ଗିଲ୍ ମୁଖ୍ୟ ଦଳରେ ନଥିଲେ ମଧ୍ୟ ଦଳ ସହ ୱେଷ୍ଟଇଣ୍ଡିଜ ଗସ୍ତ





## ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ଯଶସ୍ୱୀ ଜୈସ୍ୱାଲ, ସୂର୍ଯ୍ୟ କୁମାର ଯାଦବ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ), ରଷଭ ପନ୍ତ, ସଞ୍ଜୁ ସାମସନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ୟୁଜି ଚହଲ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜ ।

ରିଜର୍ଭ ଖେଳାଳି: ଶୁବମନ ଗିଲ, ରିଙ୍କୁ ସିଂହ, ଖଲୀଲ ଅହମଦ ଓ ଆବେଶ ଖାନ ।



କରିବେ । ଏମାନଙ୍କୁ ରିଜର୍ଭ ଖେଳାଳି ଭାବେ ରଖାଯାଇଛି । ଖଲୀଲ ଅହମଦ ଓ ଆଭେଶ ଖାନ ମଧ୍ୟ ରିଜର୍ଭ ଖେଳାଳି ତାଲିକାରେ ଅଛନ୍ତି ।

ସ୍ପିନ ବୋଲିଂ ଆଟାକରେ ଭାରତର ମଙ୍ଗ ରବୀନ୍ଦ୍ର ଜାଡେଜା, ୟୁଜଭେନ୍ଦର ଚହଲ, ଅକ୍ଷର ପଟେଲ ଓ କୁଲଦୀପଙ୍କ ଉପରେ ରହିବ ।

ଦ୍ରୁତ ବୋଲିଂର କମାଣ ଯଶପ୍ରୀତ ବୁମରା ସମ୍ଭାଳିବେ । ତାଙ୍କୁ ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜ ସାଥ ଦେବେ ।

୨୦ଟି ଟିମକୁ ନେଇ ଖେଳା ଯାଉଥିବା ଟି-୨୦ ବିଶ୍ୱକପର ପ୍ରଥମ ମ୍ୟାଚ ଜୁନ ୧ରୁ ଆରମ୍ଭ ହେବ । ପ୍ରଥମ ମ୍ୟାଚରେ ମୁହାଁମୁହିଁ ହେବେ ଆୟୋଜକ ଆମେରିକା ଓ କାନାଡା । ୧୮୪୪ରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚରେ ଏହି ଦୁଇ ଦଳ ସାମ୍ନାସାମ୍ନି ହୋଇଥିଲେ । ଏବେ ପୁଣି ଥରେ ଆମେରିକା ଓ କାନାଡା ଲଢ଼େଇ କରିବେ ।

ବିଶ୍ୱକପର ସବୁଠାରୁ ବଡ଼ ମ୍ୟାଚ୍ ଜୁନ ୯ରେ ଖେଳାଯିବ । ନ୍ୟୁୟର୍କରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ । ଟି-୨୦ ବିଶ୍ୱକପର ଗ୍ରୁପ ଏ'ରେ ଭାରତ ରହିଛି । ଭାରତ ସହ ଆମେରିକା, ପାକିସ୍ତାନ, କାନାଡା ଓ ଆୟର୍ଲ୍ୟାଣ୍ଡ ଏହି ଗ୍ରୁପରେ ରହିଛନ୍ତି ।

ଭାରତ ତା'ର ବିଶ୍ୱକପ ଅଭିଯାନ ଜୁନ ୫ରେ ଆୟର୍ଲ୍ୟାଣ୍ଡ ବିପକ୍ଷରୁ ଆରମ୍ଭ କରିବ । ଜୁନ ୯ରେ ପାକିସ୍ତାନ, ଜୁନ ୧୨ରେ ଆମେରିକା ଓ ଜୁନ ୧୫ରେ ଦଳ ଶେଷ ଲିଗ ମ୍ୟାଚ୍ କାନାଡା ବିପକ୍ଷରେ ଖେଳିବ ।

ଟି-୨୦ ବିଶ୍ୱକପର ଦୁଇ ସେମି ଫାଇନାଲ ଜୁନ ୨୬ ଓ ୨୭ରେ ଖେଳାଯିବ । ଜୁନ ୨୯ରେ କ୍ରିକେଟ ମହାକୁମ୍ଭର ଫାଇନାଲ ବାରବାଡୋସରେ ଅନୁଷ୍ଠିତ ହେବ ।

**ଗ୍ରୁପ ଏ-** ଭାରତ, ପାକିସ୍ତାନ, ଆମେରିକା, କାନାଡା ଓ ଆୟର୍ଲ୍ୟାଣ୍ଡ

**ଗ୍ରୁପ ବି-** ଇଂଲଣ୍ଡ, ଅଷ୍ଟ୍ରେଲିଆ, ନାମ୍ବିଆ, ସ୍କଟଲ୍ୟାଣ୍ଡ ଓ ଓମାନ

**ଗ୍ରୁପ ସି-** ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ଉଗାଣ୍ଡା ଓ ପାପୁଆ ନ୍ୟୁ ଗିନି

**ଗ୍ରୁପ ଡି-** ଦ.ଆଫ୍ରିକା, ବାଂଲାଦେଶ, ଶ୍ରୀଲଙ୍କା, ନେଦରଲ୍ୟାଣ୍ଡସ୍ ଓ ନେପାଳ

ପ୍ରଥମଥର ପାଇଁ ଟି-୨୦ ବିଶ୍ୱକପରେ ୨୦ଟି ଦଳ ଭାଗ ନେଉଛନ୍ତି । ଏମାନଙ୍କୁ ୪ଟି ଗ୍ରୁପରେ ଭାଗ କରାଯାଇଛି । ପ୍ରତି ଗ୍ରୁପରେ ୫ଟି ଲେଖାଏ ଦଳ ରହିଛନ୍ତି । ଲିଗ ମ୍ୟାଚ୍ ପରେ ପ୍ରତି ଗ୍ରୁପରୁ ୨ଟି ଲେଖାଏ ଦଳ ଗ୍ରୁପ ୮ ପର୍ଯ୍ୟାୟକୁ ଯିବେ ।

ଯୋଗ୍ୟତା ଅର୍ଜନ କରିଥିବା ୮ ଦଳକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯିବ । ପ୍ରତି ଗ୍ରୁପର ଟପ୍ ୨ଟି ଲେଖାଏଁ ଦଳ ସେମିଫାଇନାଲ ପର୍ଯ୍ୟାୟକୁ ଯିବେ । ଏହାପରେ ୨୯ ତାରିଖରେ ଦୁଇ ଶ୍ରେଷ୍ଠ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ।

ପ୍ରଥମ ସେମିଫାଇନାଲ ଜୁନ ୨୬ରେ ଗୁଏନା ଓ ଦ୍ୱିତୀୟ ସେମି ଫାଇନାଲ ୨୭ ତାରିଖରେ ତ୍ରିନିଦାଦରେ ଆୟୋଜିତ ହେବ । ୱେଷ୍ଟଇଣ୍ଡିଜର ୬ଟି ଭେନ୍ୟୁରେ ୪୧ଟି ମ୍ୟାଚ ଓ ଆମେରିକାର ୩ଟି ଭେନ୍ୟୁରେ ୧୬ଟି ମ୍ୟାଚ୍ ଖେଳାଯିବ । ୨୯ ଦିନ ଧରି ଟି-୨୦ ବିଶ୍ୱକପର ୯ମ ସଂସ୍କରଣ ଅନୁଷ୍ଠିତ ହେବ ବୋଲି ଆଇସିସି କହିଛି ।




# ବୋଲରଙ୍କ ନିଦ ହଜାଉଛନ୍ତି ବ୍ୟାଟର୍

ନିର୍ବାଚନୀ ମାହୋଲ ଭିତରେ 'ଅବ୍ କି ବାର୍ ୪୦୦ ପାର୍' ନାରା ତ ଶୁଣିଥିବେ । ହେଲେ ଏବେ କ୍ରିକେଟ୍ ମଇଦାନରେ ବି କିଛି ଏଭଳି ଶୁଣିବାକୁ ମିଳିଲାଣି । କ୍ରିକେଟରେ ଏବେ ଟ୍ରେଣ୍ଡ କରୁଛି 'ଅବ୍ କି ବାର୍ ୩୦୦ ପାର୍' । ତେବେ ଏହି ୩୦୦ ପାର୍ ନାରା କ'ଣ? ୩୦୦ ପାର୍ ମାନେ ୩୦୦ ରନ୍ । କ୍ରିକେଟରେ ତ ୩୦୦ ରନ୍ କରିବା କିଛି ବଡ଼ କଥା ନୁହେଁ । ଟେଷ୍ଟ ହେଉ କି ଦିନିକିଆରେ ଏବେ ୩୦୦ ରନ୍ କରିବା ସହ ସହଜ ହୋଇଗଲାଣି । କିନ୍ତୁ ଟି-୨୦ ଫର୍ମାଟରେ କେବେ ୩୦୦ ରନ୍ ହେବା କଥା ଭାବିଛନ୍ତି କି? ଖୁବ୍‌ଶୀଘ୍ର ଟି-୨୦ କ୍ରିକେଟରେ ୩୦୦ ରନ୍ ହେବାକୁ ଯାଉଛି ।

ଭାରତରେ ଚାଲିଥିବା ଆଇପିଏଲ୍‌ରେ ବ୍ୟାଟରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ଏହି ପ୍ଲାଟଫର୍ମ । ଠିକ୍ ସେହିପରି ବୋଲରଙ୍କ ପାଇଁ ବଡ଼ ଦୁଃସ୍ୱପ୍ନ । ଲାଗୁଛି ଯେପରି ବୋଲରଙ୍କ ପାଇଁ ଟିକିଏ ବି ଦୟା ନାହିଁ ବ୍ୟାଟରଙ୍କ ମନରେ । ମନ ଇଚ୍ଛା ଧୁଲେଇ କରୁଛନ୍ତି । ଆଉ ବୋର୍ଡରେ ଲାଗୁଛି ବଡ଼ ବଡ଼ ସ୍କୋର । ବ୍ୟାଟର ବର୍ତ୍ତମାନ ଯେଉଁଭଳି ବ୍ୟାଟିଂ କରୁଛନ୍ତି, ଲାଗୁଛି ଟି-୨୦ ଫର୍ମାଟରେ ୨୫୦ ରନ୍ ସାଧାରଣ କଥା ହୋଇଗଲାଣି । ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୨୮୭ ରନର ବିଶାଳ ସ୍କୋର ଛିଡ଼ା କରିଥିଲା ସନରାଇଜର୍ସ ହାଇଦ୍ରାବାଦ । ଠିକ୍ ସେହିପରି ମୁମ୍ବାଇ ଇଣ୍ଡିଆ ବିପକ୍ଷରେ ୨୭୭ ରନ୍ କରିଥିଲା ହାଇଦ୍ରାବାଦ । ଯଦି ଏମିତି ସ୍କୋର ଆଇପିଏଲରେ ହେବ, ତାହେଲେ ଖୁବଶୀଘ୍ର ୩୦୦ ରନ୍ ହେବା ଆଉ ବେଶୀ ଦୂର ନୁହେଁ ।

ଦିନ ଥିଲା, କ୍ରିକେଟ୍ ମ୍ୟାଚରେ ବୋଲରଙ୍କୁ ମିଳୁଥିଲା ସମ୍ମାନ । ଦିନିକିଆରେ ୨୫୦ ରନ୍ ହେଲେ, ପ୍ରତିପକ୍ଷ ଟିମ୍ ପକ୍ଷେ ରନ୍ ପିଛା କରିବା କାଠିକର ପାଠ ହୋଇଯାଉଥିଲା । କିନ୍ତୁ ଏବେ ସବୁ ବଦଳିଯାଇଛି । ବର୍ତ୍ତମାନ ଚାଲିଛି ବ୍ୟାଟରଙ୍କ ରାଜୁତି । ଯଦିଓ କ୍ରିକେଟ୍ ମ୍ୟାଚରେ ବଡ଼ ବଡ଼ ସ୍କୋର ହେବା, ଦର୍ଶକଙ୍କୁ ପସନ୍ଦ ଆସୁଥିବ । କିନ୍ତୁ ବଡ଼ କଥା ହେଉଛି, ଏହା ଦ୍ୱାରା କ୍ରିକେଟର ମାନ ହ୍ରାସ ପାଉଛି । କ୍ରିକେଟ୍ ମ୍ୟାଚରେ ଉଭୟ ବୋଲର ଓ ବ୍ୟାଟରଙ୍କୁ ସୁହାଉଥିବା ପିଚ୍ ପ୍ରସ୍ତୁତ କରିବା ଦରକାର । ନଚେତ ସେଦିନ ବେଶୀ ଦୂର ନୁହେଁ, ଯେତେବେଳେ ୧୦ ଓଭର ଫର୍ମାଟରେ ୨୦୦ ରନ୍ ବି କମ୍ ପଡ଼ିଯିବ ।

# ଅନୁଭବୀ ତନିଷା

**ପିଲାଦିନୁ ଫିଲ୍ମ ଇଣ୍ଡଷ୍ଟ୍ରୀ ସହ ସମ୍ପର୍କ ତାଙ୍କୁ ଏହି ଇଣ୍ଡଷ୍ଟ୍ରୀ ପାଇଁ ଆକୃଷ୍ଟ କରିଥିଲା । ଛୋଟଦିନରୁ ବାପାଙ୍କ ସହ ମିଶି ଫିଲ୍ମ ମେକିଂ ଦେଖିଥିବା ତନିଷା ବର୍ତ୍ତମାନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଅଣ୍ଟା ଭିଡିଛନ୍ତି ।**



ପରିଚିତ ଫିଲ୍ମ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ଝିଅ ଭାବେ ତନିଷା ସନ୍ତୋଷୀଙ୍କର ପରିଚୟ ଡେବ୍ୟୁ ପୂର୍ବରୁ ରହିଛି । ହେଲେ ବର୍ତ୍ତମାନ ନିଜର ସ୍ୱତନ୍ତ୍ର ପରିଚୟ ପାଇଁ ଅଣ୍ଟା ଭିଡିଛନ୍ତି ତନିଷା । ଏକ ଛୋଟ ରୋଲରୁ ନିଜର ବଲିଉଡ୍ ଡେବ୍ୟୁ କରିଥିବା ତନିଷାଙ୍କୁ ବର୍ତ୍ତମାନ ଲିଡ୍ ରୋଲରେ ଦେଖିବାକୁ ମିଳିବ । ବାପାଙ୍କ ଫିଲ୍ମ 'ଗାନ୍ଧୀ ଗଡ଼ସେ ଏକ ଯୁଦ୍ଧ' ଜରିଆରେ ବଲିଉଡ ଡେବ୍ୟୁ କରିଥିଲେ ତନିଷା । ଏଥିରେ ତାଙ୍କୁ ପାର୍ଶ୍ୱ ଅଭିନେତ୍ରୀ ଭାବେ ଦେଖିବାକୁ ମିଳିଥିଲା । ହେଲେ ଏହି ଅଭିନୟ ତାଙ୍କୁ ଦେଇଥିଲା ଅନେକ ପ୍ରଶଂସା । ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ସହିତ ସିନେପ୍ରେମୀଙ୍କୁ ମଧ୍ୟ ବେଶ୍ ଆକୃଷ୍ଟ କରିଥିଲା । ବର୍ତ୍ତମାନ ତାଙ୍କୁ ଏକ ରୋମାଣ୍ଟିକ୍ କମେଡି ଫିଲ୍ମରେ ଦେଖିବାକୁ ମିଳିବ, ଯାହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବିଶାଲ ରାନା । ତେବେ ବର୍ତ୍ତମାନ ଅଭିନୟରେ ମନ ବଳାଇଥିବା ତନିଷା ଛୋଟବେଳୁ ନିର୍ଦ୍ଦେଶକ ହେବା ପାଇଁ ଇଚ୍ଛା ରଖିଥିଲେ । ଏପରିକି ସେ ୨୦୧୩ରେ ଇଣ୍ଟର୍ଣ୍ଣସିପ୍ ସମୟରେ ସେ ଫିଲ୍ମ 'ଫଟା ପୋଷ୍ଟର ନିକଲା ହିରୋ'ରେ ସହ ନିର୍ଦ୍ଦେଶକଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେହିଭଳି ଲଣ୍ଡନରେ ପାଠ ପଢୁଥିବାବେଳେ ମଧ୍ୟ ସେ ଅନେକ ଫିଲ୍ମ ପ୍ରୋଜେକ୍ଟରେ କାମ କରିଛନ୍ତି । ଫିଲ୍ମ ବ୍ୟାଡ୍ ବୟ ପାଇଁ ମଧ୍ୟ ସେ ସହ ନିର୍ଦ୍ଦେଶକ ଭାବେ କାମ କରିଛନ୍ତି । ତାଙ୍କର ଏହି ଅନୁଭବ ତାଙ୍କୁ ଅଭିନୟରେ ବେଶ୍ ସହାୟକ କରିବ ବୋଲି ସେ ସବୁବେଳେ ମତ ଦେଇଥାଆନ୍ତି । ସେହିଭଳି ନିଜ ଲୁକ୍‌କୁ ନେଇ ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଥାଆନ୍ତି ଅଭିନେତ୍ରୀ । ତନିଷାଙ୍କୁ ବି ଟାଉନ୍ ଅଭିନେତ୍ରୀ କିୟାରା ଆଡଭାନୀଙ୍କ ଲୁକ୍ ସହ ତୁଳନା କରାଯାଇଥାଏ । ଦୁହେଁ କେତେକାଂଶରେ ଏକାଠି ଦେଖିବାକୁ ବୋଲି ଫ୍ୟାନମାନେ ମତ ଦେଇଥାଆନ୍ତି । ନିଜର ଲିଡ୍ ରୋଲ ପାଇଁ ବେଶ୍ ଉତ୍ସୁକ ଅଛନ୍ତି ତନିଷା । ୧୯୯୮ରେ ମହାରାଷ୍ଟ୍ରରେ ଜନ୍ମ ହୋଇଥିବା ତନିଷା ନିଜ ପାଠପଢା ଲଣ୍ଡନରେ ସାରିଛନ୍ତି । ଆଗକୁ ବି ଟାଉନ୍‌ରେ ଜଣେ ଆଗଧାଡିର ନାୟିକା ହେବାର ଲକ୍ଷ ରଖିଛନ୍ତି ତନିଷା । ବାପାଙ୍କର ଗାଇଡ୍ ଓ ନିଜର ଟାଲେଣ୍ଟ ଏବଂ ନିର୍ଦ୍ଦେଶନାରେ ଥିବା ଅନୁଭବକୁ ପାଥେୟ କରି ସେ ନିଜ ବି ଟାଉନ୍ ଯାତ୍ରାରେ ସଫଳ ହେବେ ବୋଲି ତନିଷା ଆଶା ରଖିଥିବା ଅନେକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।